COTOC
COTOC Improvement Limited

# THE BUSINESS BREAKING

It's all of your Business

PRGI REGN. NO.: ORBIL/26/A0905 | VOLUME 01, ISSUE 03 | BI-LINGUAL (ENGLISH, ODIA) | FORTNIGHTLY | APRIL (1st TO 15th) 2026 | PAGE 8 | PRICE ₹ 10

@BiznessBreaking | businessbreaking.com | To advertise, Mail: biznessbreaking@gmail.com or Call: +91 8456869769, 06744068848

## Main Business

# 'Vasudhaiva Kutumbakam':

## India's philosophy turned policy for energy security

On 4th March 2026, the world saw two contrasting pictures. One was of fear, the other one was of freedom. One was horrific, the other one, happiness. Smoke rose over the skies of Iran as Israel and the US continued to bombard different cities. On the same day, colourful dust fly across India as people celebrated Festival of Colours. In the situation of global volatility, Indians celebrating festivals of Holi, Ugadi, Ram Navami without pinching inflation, is the result of India's far-sighted policy.

"Sweat more during peace, bleed less during war". India's early-morning to late-night engagements with different nations keeping India's interest at the center reflects this thought by Sun Tzu.



When ships carrying millions of oil barrels entered Arabian Sea blowing marine horn, it is a loud and clear signal of India's strategic autonomy. State-run Indian Oil Corporation recently bought 6 million barrels from West Africa, while HPCL purchased 2 million barrels of West African oil for early May delivery. Such moves supplements reduced availability of costly Middle Eastern oil due to war. When African leaders lauded India, particularly praising PM Modi, for championing the Global South and securing the African Union's permanent membership in the G20 during India's 2023 presidency, the floodgates in Africa were opened for India.

In the recent past, when the world gave Russia a cold shoulder, India stood with her shoulder to shoulder. Russia rewarded India with enough cheap oil which in turn facilitates India's increased GDP and controlled inflation. India, which used to rely on Middle Eastern oil, is no more keeping all her eggs in one basket. From 35% to 40% from Russia to 6% to 7% from America, from 1% from Venezuela to 10% from Africa, and of course from 35% to 50% from Middle Eastern Iraq, Saudi Arabia, UAE, countries are dealing like companies while pitching their best petroleum products before the biggest buyer, India. After exploring more options through power and policy, market and matrix, the bargain power for price and percentage lies with India.

When different countries of European Union and, what they call, first-world countries are facing the heat for their centuries-old superiority complex and decades-old unidirectional policies, India became the smartest buyer of oil and smartest player of global diplomacy. Because, India knows, nowadays, war and windstorm keep visiting different parts of the world quite often.

As Mr. Jaishankar, voice of confident India, opined: "I am smart enough to have multiple options. You should be admiring and not criticising."

At the core of this smart policy lies the age-old philosophy of India: '*Vasudhaiva Kutumbakam*'. As part of the *kutumba*, India sees every nation with respect, resonate with their concerns, reciprocate in the time of need, and in the process engrave a rewarding relationship.

## Icon Interview

# ଅରୁନ୍ଧତୀ ଜୁଏଲ୍‌ର୍ସର ପ୍ରତିଶୃତି ଓ ଗ୍ରାହକଙ୍କ ବିଶ୍ୱାସ

## ସ୍ୱର୍ଣ୍ଣିମ ସଫଳତାର ମୂଳମନ୍ତ୍ର: ବ୍ରହ୍ମାନନ୍ଦ ମେହେର, MD, ଅରୁନ୍ଧତୀ ଗ୍ରୁପ୍



**ବିଜନେସ ବ୍ରେକିଙ୍ଗ: ଅରୁନ୍ଧତୀ ଜୁଏଲର୍ସ ଆଜି ଓଡ଼ିଶାର ଏକ ପ୍ରତିଷ୍ଠିତ ବ୍ରାଣ୍ଡ । ଏହି journey କିଭଳି ଆରମ୍ଭ ହୋଇଥିଲା?**

୨୦୦୦ ମସିହାରେ, ବଲାଙ୍ଗୀରରୁ ଆରମ୍ଭ ହେଇଥିଲା ଅରୁନ୍ଧତୀ ଜୁଏଲର୍ସର ସଫଳ ଯାତ୍ରା, ୨୦୦ ସ୍କୋୟାର ଫିଟ ଜାଗା ଉପରେ ୫ ଜଣ କର୍ମକର୍ତ୍ତା ସହ ରଖା ଯାଇଥିଲା ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ଭିତ୍ତିପ୍ରସ୍ତର । ଆଜି ୨୫ ବର୍ଷ ଭିତରେ ଅରୁନ୍ଧତୀ ଜୁଏଲର୍ସ ୨୦୦ ସ୍କୋୟାର ଫିଟରୁ ୨ ଲକ୍ଷ ସ୍କୋୟାର ଫିଟ ଜାଗାରେ ସମ୍ପ୍ରସାରିତ ହେବା ସହ ଓ ୫ ଜଣରୁ ନେଇ ୧୫୦୦ କର୍ମଚାରୀଙ୍କ ସହ ସମଗ୍ର ଓଡ଼ିଶାରେ ପ୍ରଭାବ ବିସ୍ତାର କରି ପାଲଟିଛି ଓଡ଼ିଶାର ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ

**ବିଜନେସ ବ୍ରେକିଙ୍ଗ: ସୁନା ବଜାରରେ ଗ୍ରାହକଙ୍କ ବିଶ୍ୱାସ ଜିତିବା କଷ୍ଟସାଧ, ଅରୁନ୍ଧତୀ ଜୁଏଲର୍ସ ଶୁଦ୍ଧତା ଓ ଗୁଣବତ୍ତାର କିପରି ଗ୍ରାହକମାନଙ୍କର ବିଶ୍ୱାସଭାଜନ ହୋଇପାରିଛି?**

୨୫ ବର୍ଷ ମଧ୍ୟରେ ଅରୁନ୍ଧତୀ ଜୁଏଲର୍ସ ଲୋକଙ୍କ ଭରସା ଜିତି ଓଡ଼ିଶାର ପ୍ରମୁଖ ୧୦ ଟି ସ୍ଥାନ ଭୁବନେଶ୍ୱର,କଟକ, ପୁରୀ, ରାଉରକେଲା, ବ୍ରହ୍ମପୁର,ସମ୍ବଲପୁର, ବଲାଙ୍ଗିର,ବରଗଡ଼,ଅନୁଗୁଳ, ଭବାନୀପାଟଣାରେ ନିଜର ଶାଖା ଖୋଲି ପାରିଛି । ଉତ୍କୃଷ୍ଟ କାରୁକାର୍ଯ୍ୟ, ଉନ୍ନତ କାରିଗରୀ ଓ ଗୁଣାତ୍ମକ ଶୁଦ୍ଧତା ମାଧ୍ୟମରେ ୧ କୋଟିରୁ ଅଧିକ ବିଶ୍ୱସ୍ତ ଗ୍ରାହକଙ୍କୁ ନିଜ ସହ ଯୋଡି ରଖିବାରେ ସକ୍ଷମ ହୋଇପାରିଛି । ଯାହାକି ଓଡ଼ିଶା ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ।

**ବିଜନେସ ବ୍ରେକିଙ୍ଗ: ଅନ୍ୟାନ୍ୟ ଜୁଏଲାରୀ ବ୍ରାଣ୍ଡ ତୁଳନାରେ ଅରୁନ୍ଧତୀ କିପରି ସ୍ୱତନ୍ତ୍ର? ଶୁଦ୍ଧତା ପରୀକ୍ଷା ଏବଂ ଗ୍ରାହକଙ୍କ ସୁରକ୍ଷା ପାଇଁ ଆପଣଙ୍କ ପାଖରେ କି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି?**

ଓଡ଼ିଶାର ପ୍ରଥମ ନିଜସ୍ୱ ଜୁଏଲାରୀ ପ୍ରତିଷ୍ଠାନ ହୋଇଥିବାରୁ, ଓଡିଶା ମାଟିର ପ୍ରାଚୀନ କଳା, କାରିଗରୀ, ସଭ୍ୟତା, ସଂସ୍କୃତିର ଆତ୍ମାକୁ ଜାବୁଡି ଧରେ ଅରୁନ୍ଧତୀ ଜୁଏଲର୍ସର ପ୍ରତ୍ୟେକ ସୁନା, ଗହଣାର ଆଭୂଷଣ । ଯାହାକି ଅରୁନ୍ଧତୀ ଜୁଏଲର୍ସକୁ ଅନ୍ୟ ଜୁଏଲାରୀ ବ୍ରାଣ୍ଡମାନଙ୍କଠାରୁ ଭିନ୍ନ ଏବଂ ସର୍ବଶ୍ରେଷ୍ଠ କରେ । ଗ୍ରାହକ ଅନ୍ୟ କେଉଁ ବ୍ରାଣ୍ଡରୁ ଜୁଏଲାରୀ କିଣିଲେ ସେମାନେ କଷଟି ପଥରରେ ଘଷି ସୁନାର ମାନ ନିର୍ଦ୍ଧାରଣ କରିଥାନ୍ତି, ଯାହାକି ସଠିକ୍ ନୁହେଁ ଏବଂ ଅଧିକାଂଶ ସମୟ ଗ୍ରାହକ ଠକାମୀର ଶିକାର ହୁଅନ୍ତି, ଗ୍ରାହକଙ୍କ ଗହଣାର ଟେଷ୍ଟ ଶୁଦ୍ଧତା ଆସିଲା ପରେ ବି ୨୨ କ୍ୟାରେଟର ମୂଲ୍ୟ ଦିଅନ୍ତି । କିନ୍ତୁ ଅରୁନ୍ଧତୀ ଜୁଏଲର୍ସ ଅତ୍ୟାଧୁନିକ କ୍ୟାରେଟ ମିଟର ସାହାଯ୍ୟରେ ସୁନାର ପରୀକ୍ଷଣ କରି ଗ୍ରାହକଙ୍କୁ ସଠିକ୍ ମାନର ଅଳଙ୍କାର ବା ୧୦୦% ପରିବର୍ତ୍ତିତ ମୂଲ୍ୟ ପ୍ରଦାନ କରିଥାଏ । ଯାହା ଗ୍ରାହକଙ୍କ ପାଇଁ ସହଜ, ସୁବିଧା ଓ ସମୟ ସାପେକ୍ଷ ହୁଏ ।

**ବିଜନେସ ବ୍ରେକିଙ୍ଗ: ଅରୁନ୍ଧତୀ ଜୁଏଲର୍ସ ଆଜି ଅନେକ ଜାତୀୟ ପୁରସ୍କାରରେ ସମ୍ମାନିତ । ଏହି ସଫଳତା ପରେ ଆଗାମୀ ଦିନରେ ବ୍ରାଣ୍ଡକୁ ଓଡ଼ିଶା ବାହାରକୁ ନେବା ପାଇଁ ଆପଣଙ୍କର କି ଯୋଜନା ରହିଛି ?**

ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ଅଗ୍ରଣୀ ଏବଂ ସର୍ବବୃହତ ଜୁଏଲାରୀ ବ୍ରାଣ୍ଡ ହିସାବରେ ରାଜ୍ୟସ୍ତରରେ ଏବଂ ଜାତୀୟସ୍ତରରେ ୧୦୦ରୁ ଉର୍ଦ୍ଧ ସ୍ଥାନରେ ପୁରସ୍କାର, ସମ୍ମାନ ଓ ଲୋକପ୍ରିୟତା ହାସଲ କରିବା ସହ, ଆମ ରାଜ୍ୟ ପାଇଁ ଅନେକ ଗର୍ବ ଓ ଗୌରବ ଆଣିପାରିଛି। ଆଗାମୀ ଦିନରେ ଏହି ଯାତ୍ରା ଜାରି ରହିବା ସହିତ ଗ୍ରାହକଙ୍କ ପାଇଁ ନୂଆ ତଥା ଆକର୍ଷଣୀୟ ଗହଣା ଓ ଉପହାର ଭେଟି ଦିଆଯିବ ।

▶ P4

## Last Fortnight ▶

- Median CEO pay in India stands at ₹10.5 cr for FY26: Deloitte report
- KPMG plans to cut jobs in auditing division, up to 440 jobs at risk in UK
- New $1.2 billion Noida airport set to test India's infra buildout boom
- Fertiliser output may fall 10-15% if West Asia crisis persists: Crisil
- IT firms to ramp up acquisitions, may spend up to $7 billion in 2026
- Luxury travel remains resilient despite ongoing war: Leela Hotels CEO
- India e-commerce hit by fuel, logistics strain amid West Asia crisis
- Ozempic trademark clash forces DRL to offer rebranding of Olymviq as Olymra
- India's power demand growth to slow to 1% in FY26, lowest in 5 years: ICRA
- Housing sales dip 7% in Q1 2026 across top cities amid Iran war: Anarock
- India seeks steelmaking raw material from Argentina, Indonesia, Oman
- Delhi raises commercial LPG allocation from 20 to 50% of daily consumption
- WTO: India resists US push to make ecommerce duty moratorium permanent
- CAG exposes diversion of DMF funds to non-mining areas of Odisha
- Travel companies, hotels announce discounts for peak travel season

## This Fortnight

**April 1–14:** Odia Pakhya-2026 Celebrations (A 14-day cultural campaign)

- April 1: Celebration kickoff
- April 7: 'Shishu Katha Divas' (Children's literature distribution)
- April 8: Statewide blood donation camps
- April 9: 'Aasa Bahitie Kiniba' (Book-buying campaign)
- April 10: 'Loka Kala Paain Dinatie' (Folk art promotion)
- April 11: 'Amruta Pidhi Saraswata Samaroha' (Odisha Sahitya Akademi)
- April 13: 'Ama Ruchi Ama Khadya Divas' (Traditional cuisine)
- April 14: Odia New Year celebrations, valedictory ceremony

**April 6th-12th:** Silk City Mahotsav, Khallikote University Campus, Berhampur

**April 14th:** Swar Sudha Classical Musical Concert by Kalinga Kala Kshetra Foundation, New Delhi

"The only way to great work is to love what you do"
Steve Jobs



## EcowNOMICS
## Bharat's 'Krishna' brought Brazil's Cows to Life

2023 release BEEF on Netflix received eight wins at the 75th Primetime Emmy Awards for its sensational presentation. The title BEEF effectively reflects the show's theme of a petty argument turning into a life-altering, chaotic conflict. This is reel. However, the conflict surrounding beef in India is real. Both the beef eaters and the beef haters are unable to see or show the bigger picture. Statements like "while you eat dung, we eat beef," by Kerala minister V Sivankutty adds fire to the fuel.

Viewfinder

Sibasis Satapathy

Seeing the association of cow with Sanatana culture through the religious prism is rather myopic. Around 10,000 years ago, domestication of cows in the Indian subcontinent gave rise to Zebu. Hindus not just made cows their family members by sharing a room along the courtyard inside the family house, but also placed them higher than humans in the form of 'golakshmi' and 'gomata'. Disintegration of Hindu joint families due to urbanization made cows liabilities who used to be assets. Cows are gradually pushed from family room to outside cow sheds to roadside pavements.

India was the home to the largest cattle population with over 280 million cows. Brazil adopt what India disown. "Krishna" gave a new lease of life to Brazil's ailing dairy industry. In 1960, a Gir bull named Krishna was gifted by the Maharaja of Bhavnagar to Brazil. And it became the 'eureka' moment for Brazil. Regular import of Zebu cattle from India, primarily Gir, Nellore, and Kankrej breeds revolutionized Brazil's dairy and beef sectors. With 250 million cattle population, Brazil surpassed India which is now home to only 195 million.

India is the largest producer of milk globally, with an annual production of approximately 239.3 million metric tonnes (MMT) in 2023-24 that account for about 24 percent of the global output. Also, dairy-centric models provide employment to over 80 million households. Cows in India are considered a "net negative" investment in terms of monetary return. They act as "moving banks" for farmers, providing income and financial security. Despite contribution in billions of rupees to the nation, the cow still stands at the crossroads of controversy as one group demands her flesh while the other group, her milk.

Cattle are the only species that have been standing with humans for thousands of years, giving them food and financial security. Dairy cows offer high-frequency cash flow through daily milk sales but require intense management and high initial investment. Beef cows provide low-maintenance flexibility with lower upfront costs, yielding profit upon animal sale. However, from economy to environment, from green manure to green house effect, dairy cows are generally more valuable when seen from a holistic point of view.

In an IIMA research paper under the title, Gai Aadharit Unnati (GAU): Modernizing Cow based Economy through Application of Advanced Technology, the authors suggested the sustainability model for economic growth revolving around cow.

A cow should not be seen for kilograms of flesh or liters of milk. Like a mother for her children, a go-mata works for overall physical, mental, and economic growth, silently yet strongly.

**Other View**

# ରୋଷେଇ ଘରେ ଯୁଦ୍ଧ
# ଗ୍ୟାସ୍ ସଙ୍କଟ ଯୋଗୁ ଖାଉଟି ଓ ଦୋକାନୀ ହନ୍ତସନ୍ତ



ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧର ପ୍ରଭାବ ରାଜ୍ୟର ଖାଉଟି ଓ ଦୋକାନୀମାନଙ୍କ ଉପରେ ପଡୁଛି । ଯୁଦ୍ଧ ଯୋଗୁ ଗ୍ୟାସ୍ ସିଲିଣ୍ଡର ମିଳିବାରେ ସମସ୍ୟା ଉପୁଜିବା କାରଣରୁ ରାସ୍ତା କଡ଼ର ବହୁ ଉଠା ଜଳଖିଆ ଦୋକାନୀ ସେମାନଙ୍କ ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ଅନେକ କ୍ଷେତ୍ରରେ ଯେଉଁଠି ବି ଜଳଖିଆ ଦୋକାନ ଖୋଲା ରହିଛି ସେଠାରେ ଛଣାଛଣି ଜିନିଷର ଦର ବଢ଼ିଥିବା ନଜରକୁ ଆସିଛି । ରାସ୍ତାକଡ଼ ଦୋକାନରେ ଯେଉଁ ବରା ୫ଟଙ୍କାରେ ମିଳୁଥିଲା ଏବେ ତାହା ୭/୮ ଟଙ୍କା ହେଲାଣି । ଆଉ ଯେଉଁଠି ଦର ବଢ଼ିନାହିଁ, ସେଠାରେ ବରାର ଆକୃତି ଛୋଟ ହୋଇଯାଇଛି । ଅନେକ ରାସ୍ତାକଡ଼ ଢାବା ଓ ଛୋଟଛୋଟ ହୋଟେଲ ଗ୍ୟାସ ବଦଳରେ କାଠ ଚୁଲା ଓ କୋଇଲା ଆଞ୍ଚ ଉପରେ ଭରସା କରୁଛନ୍ତି । ତେବେ ଗ୍ୟାସ୍ ସଂକଟ ସହିତ ଜାଳେଣୀ କାଠ ଦର ଢେର ଉଚ୍ଚା ରହୁଥିବାରୁ ଦୋକାନୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ପର୍ଯ୍ୟାପ୍ତ ପରିମାଣର ଗ୍ୟାସ୍ ସିଲିଣ୍ଡର ମହଜୁଦ ଅଛି ଏବଂ ଏଥିପାଇଁ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ଗ୍ୟାସ୍ ପାଇଁ ଲୋକଙ୍କ ଧାଡ଼ି କମିବା ପରିବର୍ତ୍ତେ ବଢୁଛି । ଏ ପରିପ୍ରେକ୍ଷୀରେ ଗ୍ୟାସ୍ କଳାବଜାର ରୋକିବା ପାଇଁ ବି ଚଢ଼ଉ ଅଭିଯାନ ଜୋରଦାର ହେଉଛି । ରାଜଧାନୀରେ ଥିବା ଘରୋଇ ହଷ୍ଟେଲଗୁଡିକରେ ଗ୍ୟାସ୍ ସମସ୍ୟା ସ୍ପଷ୍ଟ ବାରି ହୋଇପଡୁଛି । ଅନେକ ଘରୋଇ ହଷ୍ଟେଲରେ ବାହାରର ବିଭିନ୍ନ ସଂସ୍ଥା ରନ୍ଧାଖାଦ୍ୟ ଯୋଗାଇଥାନ୍ତି । ଗ୍ୟାସ୍ ସମସ୍ୟା ଉପୁଜିବା ପରେ କେତେକ କ୍ଷେତ୍ରରେ ମିଲ୍ ପିଛା ରନ୍ଧାଖାଦ୍ୟ ଦର ଯୋଗାଣକାରୀମାନେ ବଢ଼ାଇଥିବା ଜଣାପଡିଛି । ଏହାଛଡ଼ା ଯେଉଁ ସରକାରୀ ଓ ବେସରକାରୀ ହଷ୍ଟେଲ ଗୁଡିକରେ ଗ୍ୟାସ୍ ମାଧ୍ୟମରେ ଖାଦ୍ୟ ରନ୍ଧାଯାଇଥାଏ ସେଥିରୁ ଅନେକରେ ଭଜା, ତରକାରୀ ଆଦି ସଂଖ୍ୟା କମାଇ ଦିଆଗଲାଣି । ହୋଟେଲ୍ ଭଳି ବ୍ୟବସାୟିକ ସଂସ୍ଥାନ ପାଇଁ କମର୍ସିଆଲ୍ ଗ୍ୟାସ୍ କନେକ୍ସନ୍ ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଛୋଟ ଛୋଟ ସଂସ୍ଥା କଳାବଜାରରେ ମିଳୁଥିବା ଘରୋଇ ଗ୍ୟାସ୍ ଉପଯୋଗ କରିଆସୁଥିଲେ । ସେମାନେ ଏବେ ସମସ୍ୟାରେ ପଡ଼ି ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ବହୁ ସ୍ଥାନରେ କର୍ମଜୀବୀ ପୁରୁଷ ଓ ମହିଳାମାନେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଲାଗି ଛୋଟଛୋଟ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିଥାନ୍ତି । ଗ୍ୟାସ୍ ସରିଯିବା ପରେ ଏମାନେ ବିଭିନ୍ନ ସ୍ଥାନରୁ ପୁଣି ନିଜ ସିଲିଣ୍ଡରରେ ଗ୍ୟାସ୍ ଭର୍ତ୍ତି କରାଇ ଆଣିଥାନ୍ତି । ଏବେ ଗ୍ୟାସ୍ ସଂକଟ ଉତ୍କଟତର ସ୍ଥିତିରେ ଥିବାବେଳେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ଧରପଗଡ଼ ଚାଲିଥିବା ପରିପ୍ରେକ୍ଷୀରେ ଏଭଳି ଛୋଟଛୋଟ ସିଲିଣ୍ଡରଗୁଡ଼ିକୁ ଘରୋଇ ଭାବେ ରିଫିଲିଂ କରାଇବା କଷ୍ଟସାଧ୍ୟ ହୋଇପଡିଛି । କେତେକ ପରିବାର ଇତିମଧ୍ୟରେ ବିଦ୍ୟୁତ ଚାଳିତ ଇଣ୍ଡକ୍ସନ୍ ଚୁଲା ମାଧ୍ୟମରେ ରୋଷେଇ କରୁଛନ୍ତି । ବିଶେଷକରି ଆପାର୍ଟମେଣ୍ଟ ଓ ବହୁତଳ ବିଶିଷ୍ଟ କୋଠାଘରଗୁଡ଼ିକରେ କାଠଚୁଲିରେ ରୋଷେଇ କରିବା ଅସମ୍ଭବପର ହୋଇଥିବାରୁ ସେଠାରେ ଇଣ୍ଡକ୍ସନ୍ ଚୁଲାର ବ୍ୟବହାର ବଢୁଛି । କିନ୍ତୁ ଯେଉଁ ଘରଗୁଡ଼ିକରେ ବାଡ଼ି ରହିଛି ସେଠାରେ ଅସ୍ଥାୟୀ କାଠଚୁଲା ବ୍ୟବହୃତ ହେଉଥିବା ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଛି । ତେବେ ବର୍ଷବର୍ଷ ଧରି ଗ୍ୟାସରେ ରୋଷେଇ କରିବା ବ୍ୟବସ୍ଥା ସହିତ ଅଭ୍ୟସ୍ତ ଥିବା ଲୋକେ ପୁଣି କାଠ ଓ କୋଇଲା ଚୁଲି ଯୁଗକୁ ଫେରିବାକୁ ଚାହୁଁନାହାନ୍ତି । ଯୁଦ୍ଧ ବିରତି ଆସିବା ସହ ଗ୍ୟାସ୍ ଆମଦାନି ବୃଦ୍ଧି ପାଇଲେ ଏହି ସମସ୍ୟାର କିଛିଟା ସମାଧାନ ହୋଇପାରେ । ତେବେ ବିବାହ, ବ୍ରତୋପନୟନ, ଶୁଦ୍ଧ ଘର ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଗ୍ୟାସ୍ ବିନା ଭୋଜିଭାତ କରିବା ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି ।

**Point of View**

# The myth of India's thriving MSME sector

The Myth of India's Thriving MSME Sector India's policymakers love to hail the Micro, Small and Medium Enterprises (MSME) sector as the engine of growth, job creation, and Atmanirbhar Bharat. On paper, it looks impressive: 7.3 crore registered enterprises on the Udyam portal, nearly 99 per cent of them supposedly "healthy and thriving." In reality, this is a myth sustained by statistics and PowerPoint slides. A walk through any industrial estate in Odisha—or indeed across India—tells a very different story.

**A Skewed Structure**
The MSME sector is not a balanced pyramid but a lopsided tower. Nearly 95–96 per cent of registered enterprises are micro units, 3–4 per cent are small, and medium-scale units barely register at 0.5 per cent. By lumping them together under one umbrella, the government has starved genuine small and micro manufacturing units of the focused policy attention and capital they need to survive the early stages of industrialisation. Employment follows the same pattern: micro enterprises dominate, while medium units remain statistically invisible. Yet official statistics insist almost all MSMEs are "healthy." The reality is stark: 70–75 per cent of sheds in industrial estates lie locked, abandoned, or repurposed into warehouses, showrooms, or godowns. The myth of vibrancy masks widespread stagnation. Three Markets, One Squeeze Manufacturing SMEs in India essentially serve three markets: as ancillaries to large industries, as suppliers to government departments, and in the open retail/export market. In each, they are squeezed mercilessly.

**1. Ancillaries to Large Industries**
A handful of SMEs act as the "flies holding up the roof" for giants like Tata Motors/Mahindra & Mahindra Limited. They supply critical components at razor-thin margins while large buyers exercise babysitter-like control. Wages and statutory benefits are often honoured only on paper. FMCG and consumer durable giants replicate the same dynamic: SMEs produce, big brands pocket the profits.

**2. Supplies to State Institutions**
Government procurement is riddled with corruption and rigged tenders. One infamous case involved a mattress tender that mandated a powerloom facility. A single well-connected firm secured the order, then bought the entire quantity from small-scale mattress makers at throwaway prices. SMEs were reduced to contract labourers in their own industry.



**3. Retail and Export Markets**
Without an established brand, SMEs struggle to place products on showroom shelves. Dealers routinely delay or default on payments. The MSME Development Act's delayed-payment provisions exist only on paper. One manufacturer has been fighting a single dues case in court for 24 years under this very Act. Justice delayed is enterprise destroyed.

**Schemes That Fail on the Ground Most government "support" schemes collapse at the implementation stage.**

- Government e-Marketplace (GeM): Designed to empower MSME manufacturers, it has been hijacked by traders who undercut prices and compromise quality.
- MUDRA Loans: The average loan size is around ₹1 lakh—barely enough to launch a serious enterprise, let alone scale one.
- Production Linked Incentive (PLI): The showpiece of Make-in-India has disbursed ₹28,748 crore across 14 sectors. The lion's share went to Samsung and Foxconn. Foxconn imports virtually all iPhone components and merely assembles them in India. Samsung manufactures only cables and chargers locally. The much-touted "Make in India" has largely become "Assemble in India."

No meaningful value addition flows to Indian SMEs. The schemes look good in press releases but deliver little on the factory floor. Bailouts for the Big, Bankruptcies for the Small The contrast in treatment between large corporates and SMEs is glaring. In November 2008, U.S. lawmakers mocked the CEOs of General Motors, Ford, and Chrysler for flying private jets to Washington to request a bailout. In India, large-scale units get similar bailouts courtesy the NCLT. Their loans are settled with a 96 per cent haircut. An SME owner, by contrast, would lose the shirt off his back. A cab driver would lose the cab that feeds his family. The large-scale unit owner would still be flying business class, perhaps even first class to London if his Rajya Sabha membership fails to shield him. The asymmetry is brutal.

**Financial Institutions: The Harsh Hand**
Small and micro enterprises have often faced harsh treatment from financial institutions.

- Microfinance institutions have been accused of aggressive loan recovery practices, sometimes leading to social distress.
- Banks and NBFCs routinely deny restructuring support during crises, even when RBI relief schemes exist.
- Punitive enforcement actions and compliance failures often translate into stricter recovery drives against SMEs.

The systemic bias is clear: large corporates get bailouts, SMEs get bulldozed.

**Children of the Lesser God**
India cannot claim industrial self-reliance while its SME manufacturing base is reduced to invisible cogs in someone else's supply chain. Unless SME units receive targeted credit, technology upgrades, marketing support, and ruthless enforcement of payment discipline, the mythical MSME engine will continue to sputter.

The numbers look impressive on slides. On the ground, SMEs remain "Children of the Lesser God"—their voices seldom heard in the corridors of power. While a failed SME owner may be driven to suicide, a failed large-scale unit owner flies first class to the UK. That is the real story of India's MSME sector: a myth sustained by statistics, but betrayed by reality.

**Kuldip Gupta**
kuldipgupta@hotmail.com

## CMO Decides



# ୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ

ଓଡ଼ିଶାରେ ଜଳ ଜୀବନ ମିଶନ 2.0ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (MoU) ସ୍ୱାକ୍ଷର ହୋଇଛି । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଜଳ ଜୀବନ ମିଶନ 2.0 ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ସୁଜଳମ୍ ଭାରତ ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫,୦୦୦ ଗ୍ରାମୀଣ ପାଇପ୍ ଜଳ ଯୋଜନାର ID ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି । ଓଡିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ, ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ପାଇଁ ଦୂରକୁ ଯିବାକୁ ପଡୁନାହିଁ। ଓଡ଼ିଶାରେ ଜଳ ଶକ୍ତି ଅଭିଯାନ ଏକ ଜନଆନ୍ଦୋଳନର ରୂପ ନେଇଛି। ଏହା ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଷ୍ଟ୍ରକ୍ଚର, ୪୩ ହଜାରରୁ ଅଧିକ ଜଳାଶୟ ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରଶେଡ୍ କାର୍ଯ୍ୟ ସମ୍ପନ୍ନ ହୋଇଛି ।

# କୃତ୍ରିମ ଅଭାବ ସୃଷ୍ଟି କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ଜଣାଯାଇଛି ଯେ, ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି । ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବା ସହିତ ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରବିଋତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍.ଏନ୍.ଜି ପାଇଁ ଭାରତ ବିଭିନ୍ନ ଗଲ୍ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ । ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି ।

- ▶ ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହରେ ୨୨୯୨ କୋଟିର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ, ପ୍ରାୟ ୩୨୦ କୋଟିର ୧୨୪ ଟି ପ୍ରକଳ୍ପର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ▶ ଜଙ୍ଗଲ ସୁରକ୍ଷା ସହିତ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ▶ ରାଜ୍ୟରେ 'ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦'ର ଶହେଦିନିଆ ଅଭିଯାନ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ▶ 'ସୁଭଦ୍ରା' ଯୋଜନାରେ ନୂତନ ହିତାଧିକାରୀଙ୍କ ଆବେଦନ ପାଇଁ ଏପ୍ରିଲ ୧ରୁ ଆରମ୍ଭ ହେବ ପଞ୍ଜୀକରଣ ପ୍ରକ୍ରିୟା

## Vision Statement

Pabitra Saunta, MLA, Laxmipur, Koraput



# ଶିକ୍ଷାର ବିକାଶକୁ ପ୍ରାଥମିକତା

କୋରାପୁଟ ଜିଲ୍ଲାର ଆଦିବାସୀ ପ୍ରବଣ ନିର୍ବାଚନମଣ୍ଡଳୀ ଲକ୍ଷ୍ମୀପୁରରୁ ବିଧାନସଭାକୁ ପ୍ରତିନିଧିତ୍ୱ କରୁଛନ୍ତି ପବିତ୍ର ସାଉନ୍ତା । ଉଚ୍ଚଶିକ୍ଷିତ ଯୁବକ, କଂଗ୍ରେସର ଲୋକପ୍ରିୟ ନେତା । ପ୍ରଥମ ଥର ବିଧାୟକ ହୋଇଛନ୍ତି। ନିଜ ଅଞ୍ଚଳର ବିକାଶ ପାଇଁ ଦୃଢ ସଂକଳ୍ପବଦ୍ଧ ଅଛନ୍ତି ଏବଂ ନିରନ୍ତର କାର୍ଯ୍ୟ ମଧ୍ୟ କରୁଛନ୍ତି । ସେ ଲକ୍ଷ୍ମୀପୁର, କୋରାପୁଟ ଜିଲ୍ଲାର ସମସ୍ୟାକୁ ବିଧାନସଭାରେ ଉପସ୍ଥାପନ କରୁଛନ୍ତି । ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ କରିଥିବା ଯୋଜନା ବିଷୟରେ ପବିତ୍ର କୁହନ୍ତି ଯେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନର ଚିତ୍ର ସମଗ୍ର ଓଡ଼ିଶାରେ ସମାନ । ଆଉ ଅବିଭକ୍ତ କୋରାପୁଟ ଜିଲ୍ଲା କଥା ଯଦି କୁହାଯାଏ ଏହି ଆଦିବାସୀ ଉପାନ୍ତ, ପାହାଡ଼ିଆ ଅଞ୍ଚଳରେ ପ୍ରତ୍ୟେକ ଲୋକ ମୌଳିକ ସମସ୍ୟାରେ ଜର୍ଜରିତ । ଲୋକେ ସରକାରଙ୍କ ବ୍ୟବସ୍ଥାକୁ ଚାହିଁ ବସିଛନ୍ତି । କିନ୍ତୁ ସରକାର କିମ୍ବା ସରକାରୀ ଅଧିକାରୀ ନିରୀହ ଲୋକଙ୍କ ଜୀବନଶୈଳୀ ସୁଧାରିବା ପାଇ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି । ଯାହା ଫଳରେ ବର୍ଷ ବର୍ଷ ଧରି ସମସ୍ୟା ଲାଗି ରହିଛି । ଆଦିବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ହେଲେ ଗୋଟିଏ ହିଁ ବିକଳ୍ପ, ଗୋଟିଏ ହିଁ ବାଟ ତାହା ହେଉଛି ଶିକ୍ଷା । ଯେଉଁ ପର୍ଯ୍ୟନ୍ତ ଆଦିବାସୀ ମୁଲକରେ ଶିକ୍ଷାର ବିକାଶ ହୋଇନାହିଁ, ଶିକ୍ଷା ପ୍ରତି ଲୋକଙ୍କ ଆଗ୍ରହ ଆସିନାହିଁ ଏବଂ ଶିକ୍ଷା କ୍ଷେତ୍ରରେ ସରକାର ଉନ୍ନତମାନର ପଦକ୍ଷେପ ନେଇନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ପ୍ରକାର ସଚେତନତା ଆସିପାରିବ ନାହିଁ । ରାଜ୍ୟ ସରକାର ୨୦୩୬ ଓ ୨୦୪୭ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ପାଇଁ ସ୍ୱପ୍ନ ଦେଖୁଛନ୍ତି, ସ୍ଲୋଗାନ ଦେଉଛନ୍ତି । କିନ୍ତୁ ମୁଁ ଅନୁରୋଧ କରୁଛି ସରକାର ଯଦି ବର୍ତ୍ତମାନ ସ୍ଥିତିରେ ୨୦୨୬-୨୭ ବର୍ଷରେ କ'ଣ କରାଯାଇପାରିବ, ସେଥିପାଇଁ ସ୍ୱପ୍ନ ଦେଖନ୍ତେ ଓ ରୋଡମ୍ୟାପ୍ କରନ୍ତେ ତେବେ ଓଡ଼ିଶାର ସାଧାରଣ ଲୋକ ଓ ଆଦିବାସୀମାନେ ବହୁତ ଉପକୃତ ହୋଇପାରନ୍ତେ । ସେମାନେ ଖୁସିରେ ଜୀବନଯାପନ କରନ୍ତେ । କିନ୍ତୁ ସରକାର କେବଳ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ଖର୍ଚ୍ଚ ହୋଇପାରିନାହିଁ । ତାହାହେଲେ ବିକାଶ କେଉଁଟି ହେଉଛି ? ସରକାର ଯଦି ବିକାଶର ରାସ୍ତା ଆପଣାଇ ପାରୁନାହାନ୍ତି ତାହାହେଲେ କେମିତି ବିକାଶ ହେବ ? ରାଜ୍ୟ ସରକାର ବଜେଟ କରୁଛନ୍ତି ସତ, କିନ୍ତୁ ବଜେଟ କେମିତି କାର୍ଯ୍ୟକାରୀ କରାଯିବ ଓ ତୃଣମୂଳ ସ୍ତରରେ ଲୋକେ କେମିତି ଏହାର ଫାଇଦା ପାଇପାରିବେ ସେ ଦିଗରେ କିଛି ଠୋସ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏହା ସରକାରଙ୍କ ଅପାରଗତାକୁ ପ୍ରମାଣିତ କରୁଛି । ବାରମ୍ବାର ବଜେଟ ହେବା ସତ୍ତ୍ୱେ ମଧ୍ୟ ଓ ବଜେଟ ଆକାର ବଢୁଛି ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି । କିନ୍ତୁ କାର୍ଯ୍ୟକାରୀ କେତେ ହୋଇଛି, କେତେ ପରିମାଣର ଟଙ୍କା ଖର୍ଚ୍ଚ ହୋଇଛି ପଚାରିଲେ ସରକାର କିଛି ଉତ୍ତର ଦେଇପାରୁନାହାନ୍ତି ।

## CSR Record

# Vedanta Aluminium's VedGram strengthens rural livelihoods and sustainable farming in Jharsuguda



Vedanta Aluminium, India's largest aluminium producer, is driving inclusive growth beyond its core operations through focused community development initiatives in Jharsuguda. Driven by astrong commitment to sustainable and equitable progress, the company is investing in long-term programs that are strengthening rural economies, promoting environmental stewardship, and improvingthe quality of life among rural communities. One such initiative, the VedGram project, is designed to enhance farm productivity, diversify income sources, and promote sustainable agricultural practices across villages in the vicinity of the company's Jharsuguda operations, including Banjari, Siriapali, Pramanpur, Katikela, Patrapali, Badmal, Bhurkamunda, Dalki, Bhagipali and Pandripatthar. In these regions, where agriculture remains the primary source of livelihood, the project is enabling farmers to shift from subsistence-basedpracticestomoreresilient and income-generating models through a series of integrated interventions spanning agriculture, livestock, and allied activities. Highlighting the impact of the program, C. Chandru, CEO-Vedanta Jharsuguda said, "Our focus is to create measurable and lasting impact in the communities we operate in. Through VedGram, we are strengthening the entire rural value chain, from soil to market, ensuring farmers have the tools and knowledge to achieve stable and higher incomes." At the core of the VedGram initiative is the Wadi programme, under which 50 farmers have adopted orchard-based farming models. This intervention has transformed 25 acres of previously barren land into productive agro-horticulture assets. With practices such as integrated agroforestry and intercropping, farmers are able to buildstable income streams, with projected annual income increases of up to ₹35,000 per household.

# କେନ୍ଦ୍ରାପଡ଼ାର କୁସୁନପୁରରେ CSIR 'ସ୍ମାର୍ଟ ଭିଲେଜ'




କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର କୁସୁନପୁର ଗ୍ରାମରେ CSIR ସ୍ମାର୍ଟ ଭିଲେଜ' ଉଦଘାଟିତ ହୋଇଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅନୁସନ୍ଧାନ ପ୍ରତିଷ୍ଠାନ, ସ୍ଥାନୀୟ ପ୍ରଶାସନ ଏବଂ କାର୍ଯ୍ୟାନ୍ୱୟନ କରୁଥିବା ସହଯୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମୀଣ ସମୁଦାୟ ନିକଟକୁ ବୈଜ୍ଞାନିକ ଉଦ୍ଭାବନ ଏବଂ ବ୍ୟାବହାରିକ ସମାଧାନ ପହଞ୍ଚାଇବା। ବୈଷୟିକ ଜ୍ଞାନକୌଶଳ ଚାଳିତ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଦୃଢ ମତ ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ଏବଂ ଶିଳ୍ପ ଅନୁସନ୍ଧାନ ବିଭାଗର ସଚିବ ତଥା CSIRର ମହାନିର୍ଦ୍ଦେଶକ ଡକ୍ଟର ଏନ୍. କଲାଇସେଲଭି ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର, ସହଭାଗୀ CSIR ପ୍ରୟୋଗଶାଳାର ବରିଷ୍ଠ ବୈଜ୍ଞାନିକମାନଙ୍କ ସହ ଉପସ୍ଥିତ ଥିଲେ। ପ୍ରଫେସର ପ୍ରଦୀପ କୁମାର ରାମନଚାର୍ଲାଙ୍କ ନେତୃତ୍ୱରେ ରୁର୍କି ସ୍ଥିତ CSIR–କେନ୍ଦ୍ରୀୟ ଭବନ ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ ସେଭ୍ ଦ ଚିଲ୍ଡ୍ରେନ୍ ଇଣ୍ଡିଆର ସିଇଓ ଶାନ୍ତନୁ ଚକ୍ରବର୍ତ୍ତୀ ଏବଂ 'ନେଚର୍ସ କ୍ଲବ'ର ସଚିବ ମଧୁସ୍ମିତ ପତିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ CSIR-ଆଇଏମଏମଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଉପସ୍ଥିତ ଥିଲେ। ଉଦଘାଟନୀ ସମାରୋହ ଅବସରରେ ବିଭିନ୍ନ CSIR ପ୍ରୟୋଗଶାଳାରୁ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରସ୍ତାବିତ ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହା ସହିତ କୁସୁନପୁର ସ୍ମାର୍ଟ ଭିଲେଜ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉନ୍ମୋଚିତ ହୋଇଥିଲା।

## Department Digest

# LABOUR: ଗ୍ରୀଷ୍ମ ପ୍ରବାହ ପାଇଁ ଏପ୍ରିଲ ୧ରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୩ଟା କାର୍ଯ୍ୟ ବନ୍ଦ

ଆଗାମୀ ଏପ୍ରିଲ ମାସରେ ରୌଦ୍ରତାପ ବୃଦ୍ଧି ପାଇବାର ଆଶଙ୍କା ରହିଥିବାରୁ ସମ୍ଭାବ୍ୟ ଅଂଶୁଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଣୁ ପ୍ରଚଣ୍ଡ ଖରାରେ କାର୍ଯ୍ୟରତ ଶ୍ରମିକଙ୍କୁ ଏପ୍ରିଲ ୧ରୁ ଜୁନ ୧୫ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ଅଂଶୁଘାତରୁ ରକ୍ଷା ପାଇ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିସନର, ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିସନରଙ୍କୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ଠିକାଦାରଙ୍କୁ, ସେମାନଙ୍କର ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ଅବଧି ମଧ୍ୟରେ କାର୍ଯ୍ୟରେ ନ ଲଗାଇବାକୁ ବ୍ୟବସ୍ଥା ଗ୍ରହଣ କରିବାକୁ ଓ ଆବଶ୍ୟକସ୍ଥଳେ କାର୍ଯ୍ୟନିର୍ଘଣ୍ଟ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଛି । ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକ ସେବା ସହ ଜଡ଼ିତ, ଯେଉଁଥିରେ କି ଶ୍ରମିକଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ, ତେବେ ଉପରୋକ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବେ। ଏଥିରେ ବିଶେଷ କରି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଓ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆର୍ଏସ୍ ପ୍ୟାକେଟ୍ର ବ୍ୟବସ୍ଥା କରିବା ବାଧ୍ୟତାମୂଳକ ଅଟେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଚିକିତ୍ସାଧିକାରୀ, ଉପମଣ୍ଡଳ ଚିକିତ୍ସାଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିକାରୀଙ୍କୁ ପ୍ରଚଣ୍ଡ ରୌଦ୍ରତାପଜନିତ ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା ପାଇଁ ସତର୍କ ରହିବାକୁ ଅନୁରୋଧ କରାଯାଇଛି ।

# CO-OPERATIVE: ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି ୨୦୨୬ର କାର୍ଯ୍ୟକାରିତା

ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ୫୯୮୯ ନର୍ସିଂ ଅଫିସର ଏବଂ ୨୪୦ ରେଡିଓଗ୍ରାଫରମାନଙ୍କ ପଦବିକୁ ଅନୁମୋଦନ ଦେଇଛନ୍ତି । ଏହି ନିଯୁକ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ମାନବ ସମ୍ପଦର ଅଭାବ କମିବା ସହିତ ରୋଗୀମାନଙ୍କୁ ଉନ୍ନତ ଏବଂ ସମୟୋପଯୋଗୀ ସେବା ଯୋଗାଇ ଦିଆଯାଇପାରିବ । ନବନିଯୁକ୍ତ ନର୍ସିଂ ଅଫିସରମାନେ ରୋଗୀ ସେବାରେ ମୁଖ୍ୟ ଭୂମିକା ନିଭାଇବେ ଓ ରେଡିଓଗ୍ରାଫରମାନେ ନିଦାନମୂଳକ ସେବାକୁ ଆହୁରି ସୁଦୃଢ଼ କରିବ । ଏହି ଅନୁମୋଦନ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସର୍ବଦା ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ । ଏହି ନିଯୁକ୍ତି ଦ୍ୱାରା ରୋଗୀ ସେବା ଉନ୍ନତ ହେବା ସହିତ ସ୍ୱାସ୍ଥ୍ୟ ପ୍ରଣାଳୀ ଆହୁରି ସକ୍ଷମ ହେବ । ବିଭାଗ ପକ୍ଷରୁ ଶୀଘ୍ର ନର୍ସିଂ ଅଫିସର ଏବଂ ରେଡିଓଗ୍ରାଫରମାନଙ୍କ ନିଯୁକ୍ତି ନିୟମାବଳୀ ଯେପରି ପରୀକ୍ଷା, ପ୍ରଶିକ୍ଷଣ, ପୋଷ୍ଟିଂ ଗୁଡିକ ବିଭାଗ ପକ୍ଷରୁ ଖୁବ ଶୀଘ୍ର ପ୍ରକାଶ କରାଯିବ ।

## Realty Reality

# Building Trust and Accountability: ORERA's push for real estate reform

The Odisha Real Estate Regulatory Authority (ORERA), established under the Real Estate (Regulation and Development) Act, 2016, has played a transformative role in reshaping the real estate landscape of Bhubaneswar. It has shifted the sector from an opaque, developer-driven market to a more transparent, regulated, and accountable ecosystem. By redefining the roles and responsibilities of developers, buyers, and intermediaries, ORERA has fostered trust and improved overall market efficiency.




One of ORERA's most significant contributions lies in enhancing transparency and accountability. Developers are now required to register projects and disclose critical information such as land titles, statutory approvals, project timelines, and specifications before marketing properties. This has reduced information asymmetry and enabled buyers to make informed decisions. Additionally, digital platforms and RERA portals provide easy access to real-time project data and compliance records, further strengthening transparency.

ORERA has also been instrumental in protecting homebuyer interests. It has introduced robust grievance redressal mechanisms, imposed penalties for non-compliance, and enforced strict adherence to project timelines. Developers who violate norms—such as collecting advance payments without necessary approvals—face significant penalties. Furthermore, builders are required to maintain projects until housing societies are formally constituted, ensuring continued accountability and safeguarding residents' interests.

In terms of regulatory enforcement, ORERA has taken proactive steps to curb malpractices. It collaborates with district authorities to monitor illegal constructions and coordinates with enforcement agencies to ensure effective implementation of penalties. Crackdowns on unauthorized developments have discouraged fraudulent activities and strengthened compliance across the sector.

Another key area of impact is improving project quality and ensuring timely delivery. ORERA has introduced technical oversight by engaging civil engineers to assess construction standards and land experts to verify documentation. Streamlined registration processes and stricter monitoring ensure that projects meet regulatory benchmarks and are completed within stipulated timelines, addressing one of the sector's most persistent challenges.

ORERA has also institutionalized dispute resolution through structured conciliation mechanisms. These systems enable faster resolution of conflicts between buyers and developers, reducing reliance on lengthy legal proceedings and enhancing buyer confidence.

Moreover, ORERA has contributed significantly to the formalization of Bhubaneswar's real estate market. It has brought unorganized developers into a regulated framework, enforced financial discipline through project-linked fund utilization, and monitored risks such as irregular financial practices. This has increased investor confidence and attracted greater institutional participation in the housing sector.

Despite these achievements, challenges remain. administrative disruptions, occasional delays in project approvals, and enforcement bottlenecks can affect overall effectiveness. While ORERA has significantly improved transparency, it does not eliminate all risks, making due diligence essential for buyers.

ORERA has been instrumental in transforming Bhubaneswar's real estate sector into a transparent, regulated, and buyer-centric market. Its continued success will depend on consistent enforcement, administrative stability, and ongoing institutional strengthening.

## Health & Wealth

# Vital Role of Neuro Care in Modern Healthcare

## Dr. Manisha Mohanty, Neurologist

The human brain is the most complex organ in the body, serving as the command center for every thought, movement, and sensation. Neurology, the branch of medicine dealing with disorders of the nervous system, is fundamental to maintaining our quality of life. Dr. Manisha Mohanty, Neurologist, opines about the role of nureo care in today's life: "As lifestyle-related neurological issues and age-related conditions rise, the need for expert neurological care has never been more critical."



Dr. Manisha Mohanty is currently working as a consultant neurologist at Sparsh Hospital and Critical Care. Both in the medical fraternity as well as among the patients, Dr. Mohanty is well-known for her expert treatment and her deep interest in medical research.

She completed her basic medical studies at AIIMS Bhubaneswar, and then she went to NIMHANS in Bengaluru, one of India's top institutes to specialize in neurology (DM).




"Medicines cure diseases, but only doctors can cure patients." Dr. Mohanty not only believes in this famous quotation by Carl Jung but also practices this while treating her patients.

Her kind nature towards her patients is her specialty. At Sparsh Hospital, Bhubaneswar, she focuses on more than just medicines. She listens to her patients carefully and treats each person according to their specific needs. She truly understands that her gentle touch can transform her patients' lives. Her goal is not just to cure the disease but to make sure her patients live a better, happier life.

In due course of her exemplary work, she has been invited to speak at big international conferences like the World Congress of Neurology to share her knowledge with doctors from around the world.

## Market Trend

# Markets under Bear Grip:

## Indices see significant correction in March

Over the past 15 days, Indian benchmark indices, the Nifty 50 and BSE Sensex have shown high volatility with a clear bearish trend, driven by global macroeconomic pressures and geopolitical tensions.

Markets were relatively stable in mid-March, but sentiment weakened sharply after March 18, triggering steep declines, including a nearly 3% single-day fall. The sell-off intensified on March 23, with the Sensex dropping over 1,800 points and the Nifty nearing 22,500.

Although a brief recovery occurred around March 25, it was short-lived as renewed global uncertainties reversed the gains. By March 27, both indices declined again, reflecting continued investor caution.

Overall, the indices have corrected by around 7–9% in March, largely due to rising crude oil prices, geopolitical tensions, FII outflows, and a weakening rupee. The market remains under pressure, with near-term volatility expected to persist.



- Indian benchmark indices experienced high volatility with a clear bearish trend over the past fortnight due to global and pressures.
- After mid-March stability, markets saw sharp declines post-March 18, including a nearly 3% single-day fall and a major sell-off on March 23.
- A brief recovery around March 25 was short-lived, with indices falling again by March 27, reflecting continued uncertainty and weak sentiment.
- Markets have corrected by 9%, driven by factors such as rising crude oil prices, FII outflows, Middle East tensions, and a weakening rupee.

## ଅରୁନ୍ଧତୀ ଜୁଏଲ୍ର୍ସର ପ୍ରତିଶୃତି

**ବିଜନେସ ବ୍ରେକିଙ୍ଗ: ଆଜିକାଲିର ଯୁବପିଢ଼ି ପାରମ୍ପରିକ ଗହଣା ସହ ଆଧୁନିକ ଡିଜାଇନ୍ କିମ୍ବା ହାଲୁକା ଓଜନର ଗହଣା ପସନ୍ଦ କରୁଛନ୍ତି, ଏହି ବଦଳୁଥିବା ଚାହିଦାକୁ ଆପଣ କିଭଳି ପୂରଣ କରୁଛନ୍ତି?**

ଅରୁନ୍ଧତୀ ଜୁଏଲର୍ସରେ ସମସ୍ତ ପ୍ରକାର ସୁନା, ରୁପା ଏବଂ ହୀରା ଗହଣାର ବିଭିନ୍ନ ପ୍ରକାରର ଏବଂ ଅନନ୍ୟ ସଂଗ୍ରହ ଦେଖିବାକୁ ମିଳେ, ଯାହା ସବୁବର୍ଗର ଲୋକଙ୍କ ପସନ୍ଦ ଆଉ ପକେଟକୁ ସୁହାଇବା ସହ,ସବୁ ପ୍ରକାର ପର୍ବପର୍ବାଣୀ ପାଇଁ ସ୍ୱତନ୍ତ୍ର କାରିଗରୀରେ ତିଆରି ହେଇଥାଏ । ପୁରୁଣା ସମୟର ସୁନା ଗହଣା ଅଳଙ୍କାର ସାଧାରଣତଃ ଭାରୀ ହୋଇଥାଏ, ଯାହାକୁ ସବୁ ଜାଗାରେ ସବୁ ସମୟରେ ପରିଧାନ କରିବା ସହଜ ନୁହେଁ, ସେଥିପାଇଁ ଅରୁନ୍ଧତୀ ଜୁଏଲର୍ସ ପର୍ବପର୍ବାଣୀ କଲେକ୍ସନ ମାଧ୍ୟମରେ ସୁନାର ଚମକ୍ ସହ ନିଜର ଶୁଦ୍ଧତା ଓ ଗୁଣବତ୍ତାକୁ ଅକ୍ଷୁର୍ଣ୍ଣ ରଖି ହାଲୁକା ଓଜନର ଅଳଙ୍କାର ଭେଟିଦେଉଛି । ଯାହାକୁ ଆପଣ ଘରେ, ବାହାରେ, ଅଫିସରେ, ପର୍ବପର୍ବାଣୀରେ, ସବୁଠି ପିନ୍ଧିପାରିବେ ।

**ବିଜନେସ ବ୍ରେକିଙ୍ଗ: ଓଡ଼ିଆ ପର୍ବପର୍ବାଣୀ ଏବଂ ବିବାହ ଉତ୍ସବ ପାଇଁ ଅରୁନ୍ଧତୀର ପ୍ରସ୍ତୁତି ସବୁବେଳେ ସ୍ୱତନ୍ତ୍ର ଥାଏ । ଗ୍ରାହକଙ୍କ ରୁଚି ଅନୁସାରେ ଆପଣ କିଭଳି ନୂଆ ନୂଆ 'ଏକ୍ସକ୍ଲୁସିଭ୍ କଲେକ୍ସନ' ପ୍ରସ୍ତୁତ କରନ୍ତି ?**

ଯଦି ଆପଣଙ୍କ ପସନ୍ଦ ଅଳ୍ପରେ ସୀମିତ ନୁହେଁ ତାହାଲେ ଆମ ଜ୍ୱେଲେରି ପ୍ରକାର କେମିତି ସୀମିତ ହବ, ସବୁ ପର୍ବପର୍ବାଣୀ, ସବୁ ଖାସ୍ ଦିନମାନଙ୍କରେ ଆପଣଙ୍କ ପସନ୍ଦ ଆଉ ରୁଚିକୁ ନଜରରେ ରଖି ଅରୁନ୍ଧତୀ ଜୁଏଲର୍ସ ଆପଣଙ୍କୁ ଭେଟି ଦିଏ ବିଭିନ୍ନ କାରୁକାର୍ଯ୍ୟର ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଜୁଏଲାରୀ କଲେକ୍ସନ । ପ୍ରତ୍ୟେକ କାରୁକାର୍ଯ୍ୟରେ ଶୁଦ୍ଧତା ଓ ସ୍ୱଚ୍ଛତାକୁ ସବୁ ସମୟରେ ପ୍ରାଥମିକତା ଦିଆଯାଏ । ବାହାଘର କଥା ଉଠିଲେ, ସମସ୍ତଙ୍କ ମୁହଁରେ ପ୍ରଥମ ନାଁ 'ଅରୁନ୍ଧତୀ ଜୁଏଲର୍ସ' ହିଁ ଆସେ, କାହିଁକି ନା ଓଡ଼ିଶାର ଲୋକଙ୍କ ରୁଚିକୁ ପ୍ରାଧାନ୍ୟ ଦେଇ ଆମେ ଭେଟି ଦଉ ଆପଣଙ୍କ ଚାହିଦା ମୁତାବକ ଅଳଙ୍କାର ।

**ବିଜନେସ ବ୍ରେକିଙ୍ଗ: ଡିଜିଟାଲ୍ ଯୁଗରେ ଗ୍ରାହକଙ୍କ ସୁବିଧା ପାଇଁ ଅରୁନ୍ଧତୀ ଜୁଏଲର୍ସ କ'ଣ ନୂଆ ଅନଲାଇନ୍ ସେବା ବା ସଞ୍ଚୟ ଯୋଜନା ଆଣିଛି ?**

ସ୍ୱର୍ଣ୍ଣ ସମୃଦ୍ଧି ସ୍ୱର୍ଣ୍ଣ କ୍ରୟ ଯୋଜନା: ଛୋଟ ଛୋଟ ସ୍ୱପ୍ନକୁ ସୁନେଲି ରଙ୍ଗ ଦେବା ପାଇଁ ଅରୁନ୍ଧତୀ ଜୁଏଲର୍ସ ଆଣିଛି ସ୍ୱର୍ଣ୍ଣ ସମୃଦ୍ଧି ଯୋଜନା । ଯେଉଁ ଯୋଜନାରେ ଆପଣ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ବାଛି ମାସକୁ ମାସ ଅଳ୍ପଅଳ୍ପ ଟଙ୍କାରେ ସହଜ ସୁନା, ଗହଣା କିଣିପାରିବେ । ତା' ସହ ବୋନସର ମଧ୍ୟ ଲାଭ ଉଠେଇ ପାରିବେ । ଷ୍ଟୋରକୁ ନ ଆସି, ସ୍ୱର୍ଣ୍ଣ ସମୃଦ୍ଧି ଡିଜିଟାଲ ଆପ୍ଲିକେସନ୍ ଜରିଆରେ ଆପଣ ଘରେ ବସି ଅନଲାଇନରେ ନିଜର ମାସିକ ସ୍ୱର୍ଣ୍ଣକ୍ରୟ ଯୋଜନାରେ ସାମିଲ ହେଇପାରିବେ ଓ ରେଗୁଲାର ସଂଯୋଗରେ ଯୋଡି ହୋଇ ସମସ୍ତ ସୂଚନା ପାଇ ପାରିବେ ।

**ବିଜନେସ ବ୍ରେକିଙ୍ଗ: ମହିଳାମାନେ ଆପଣଙ୍କର ମୁଖ୍ୟ ଗ୍ରାହକ । ସେମାନଙ୍କ ପାଇଁ ବିକ୍ରୟ ପରବର୍ତ୍ତୀ ସେବା କ୍ଷେତ୍ରରେ ଅରୁନ୍ଧତୀ କି ପ୍ରତିଶ୍ରୁତି ଦିଏ?**

ମହିଳାଙ୍କ କଥା ଆସିଲେ ଆମେ କହୁ, ଆପଣଙ୍କ ପାଇଁ ଆମେ ଅଛୁ । ସର୍ବୋଚ୍ଚ ମାନର ସୁନା ଗହଣା ଉପରେ ସବୁଠୁ କମ୍ ଗଢ଼ାମଜୁରୀ ସହ ଆପଣଙ୍କ ଗହଣାର ଯତ୍ନ ଆମେ ନେଇଥାଉ, ଅର୍ଥାତ୍, ଆମଠୁ ନେଇଥିବା ସମସ୍ତ ଅଳଙ୍କାର ଉପରେ ଆମେ ଭେଟିଦେଉ ଆଜୀବନ ମାଗଣା ମରାମତି ସୁବିଧାର ସୁନିଶ୍ଚିତ ସେବା । ଅରୁନ୍ଧତୀ ଜୁଏଲର୍ସରେ ଆମେ ଗ୍ରାହକଙ୍କୁ ପରିବାର ବୋଲି ଭାବୁ, ଆମ ପାଖକୁ ଆସୁଥିବା ସମସ୍ତ ଗ୍ରାହକଙ୍କୁ ନମ୍ରତା, ଶାଳୀନତା ଓ ସମ୍ମାନର ସହ ସର୍ବୋତ୍ତମ ସେବା ଭେଟିଦେଉ । ଗ୍ରାହକ ମାନଙ୍କ ପାଇଁ ସବୁ ପର୍ବପର୍ବାଣୀରେ ଆକର୍ଷଣୀୟ ଉପହାର ଓ ବିଶେଷ ରିହାତି ସହ ଜନ୍ମଦିନରେ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନାର ବାର୍ତ୍ତା ମଧ୍ୟ ଦେଇଥାଉ ।

**ବିଜନେସ ବ୍ରେକିଙ୍ଗ: ଓଡ଼ିଶାର ପାରମ୍ପରିକ ବୁଣାକାର କିମ୍ବା କାରିଗରଙ୍କୁ ପ୍ରୋତ୍ସାହିତ କରିବା ଦିଗରେ 'ଅରୁନ୍ଧତୀ ଫାଉଣ୍ଡେସନ'ର ଭୂମିକା କଣ ରହିଛି ?**

ସମ୍ବଲପୁରୀ ହସ୍ତତନ୍ତର ଭାରତବର୍ଷ ଓ ବିଦେଶରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ରହିଛି, ତେଣୁ ଏହାର ସମନ୍ୱୟ ବିକାଶକୁ ଆହୁରି ବହୁମୁଖୀ କରିବାର ପ୍ରୟାସରେ ଅରୁନ୍ଧତୀ ଫାଉଣ୍ଡେସନ ପ୍ରତିଭାଶାଳୀ ମହିଳା ବୁଣାକାରଙ୍କୁ ମାଗଣା ସମ୍ପୂର୍ଣ୍ଣ ଅତ୍ୟାଧୁନିକ ହସ୍ତତନ୍ତ ବିତରଣ କରାଯାଇଥିଲା ଏବଂ ୩୦୦୦ ଲୁମ୍ ବିଶିଷ୍ଟ ଅତ୍ୟାଧୁନିକ ହ୍ୟାଣ୍ଡଲୁମ୍ ପାର୍କ ନିର୍ମାଣ କରି, ୫୦୦୦ ବୁଣାକାର ନିଜ ପ୍ରତିଭାକୁ ବିକଶିତ କରିବା ସହ ବାନ୍ଧକଳାକୁ ବିଶ୍ୱ ବଜାରରେ ଏକ ବିଶେଷ ପରିଚୟ ଦେବାରେ ଅରୁନ୍ଧତୀ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

**Mobile to Automobile**

# ଇସ୍ପାତର ଶକ୍ତିରୁ ଚକାର ଗତି: JSWର ଅଟୋମୋବାଇଲରେ ଏଣ୍ଟ୍ରି




ଭାରତର ଶିଳ୍ପ ଜଗତରେ ଯୁଗାନ୍ତକାରୀ ପରିବର୍ତ୍ତନ । ବିଶ୍ୱ ଇତିହାସରେ ପ୍ରଥମ ଥର ପାଇଁ ଏକ ପ୍ରତିଷ୍ଠିତ ଷ୍ଟିଲ୍ କମ୍ପାନୀ ଜେଏସଡବ୍ଲୁ ଗ୍ରୁପ (JSW Group) ନିଜର ଶକ୍ତିଶାଳୀ ଇସ୍ପାତକୁ ଚକାର ଗତି ଦେବାକୁ ଯାଉଛି। ଏହା କେବଳ ଏକ କାର୍ ଲଞ୍ଚ୍ ନୁହେଁ, ବରଂ ଭାରତୀୟ ଅଟୋମୋବାଇଲ୍ ଇତିହାସରେ ଏକ 'ଷ୍ଟିଲ୍ ଟୁ ଷ୍ଟ୍ରିଟ୍' ବିପ୍ଳବର ଶୁଭାରମ୍ଭ।

୨୦୨୬ ଦୀପାବଳିର ଶୁଭ ମୁହୂର୍ତ୍ତରେ, JSW ନିଜର ପ୍ରଥମ ପ୍ରିମିୟମ୍ ପ୍ଲଗ୍-ଇନ୍ ହାଇବ୍ରିଡ୍ SUV ବଜାରକୁ ଛାଡ଼ିବାକୁ ପ୍ରସ୍ତୁତି ଚଳାଇଛି। SAIC ମୋଟର (MG Motor India) ସହିତ ଏହି ମେଗା-ପାର୍ଟନରସିପ୍ ଏବଂ ମହାରାଷ୍ଟ୍ରର ଶାମ୍ଭାଜୀ ନଗରରେ ୧୪,୦୦୦ କୋଟି ଟଙ୍କାର ବିଶାଳ ପୁଞ୍ଜିନିବେଶ ପ୍ରମାଣ କରୁଛି ଯେ, JSW କେବଳ ବଜାରକୁ ଆସୁନାହିଁ, ବରଂ ବଜାରରେ ରାଜ କରିବାକୁ ପ୍ରସ୍ତୁତ ହେଉଛି। ୧୫ ରୁ ୩୦ ଲକ୍ଷ ଟଙ୍କା ମଧ୍ୟରେ ଏହି 'ରଗଡ୍' (Rugged) SUV, ବିଶେଷ କରି Jetour T2 ମଡେଲ୍ ଉପରେ ଆଧାରିତ ହେବାକୁ ଯାଉଛି, ଯାହା ଆଧୁନିକ ଗ୍ରାହକଙ୍କ ପାଇଁ ଏକ 'ଷ୍ଟାଇଲ୍ ଷ୍ଟେଟମେଣ୍ଟ' ସାଜିବ। ଏହା ସିଧାସଳଖ ମହିନ୍ଦ୍ରା xuv 7xO,tata safari, ଜିପ୍ କମ୍ପାସ ସହିତ ସିଧାସଳଖ ପ୍ରତିଦ୍ବନ୍ଦିତ କରିବ।

ଏହି ପ୍ରୋଜେକ୍ଟର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି Dassault Systèmes ସହିତ ହୋଇଥିବା କୋଲାବୋରେସନ୍। AI-ଚାଳିତ ଡିଜିଟାଲ୍ ଡିଜାଇନ୍ ଏବଂ ହାଇ-ଟେକ୍ ମାନୁଫ୍ୟାକ୍ଟରିଂ ମାଧ୍ୟମରେ ଏହି ଗାଡ଼ି ପ୍ରସ୍ତୁତ ହେଉଛି। ୨୦୨୬ରେ ପ୍ରଥମ SUV ଏବଂ ୨୦୨୭ ଜାନୁଆରୀ ସୁଦ୍ଧା ଏକ ସୁଲଭ ମୂଲ୍ୟର ଦ୍ୱିତୀୟ ଗାଡ଼ି ଆଣିବା JSW ର ଏକ ସୁଚିନ୍ତିତ ମାଷ୍ଟରପ୍ଲାନ୍ ରହିଛି । ଯେତେବେଳେ ଜଣେ ଲୁହା ଓ ଇସ୍ପାତର କାରିଗର ନିଜେ ଗାଡ଼ି ଗଢ଼ିବାକୁ ବାହାରେ, ସେତେବେଳେ ଗୁଣବତ୍ତା ଓ ସୁରକ୍ଷାକୁ ନେଇ କୌଣସି ପ୍ରଶ୍ନବାଚୀ ରହେନାହିଁ। ଅପେକ୍ଷା କରିବା ସେହି ଐତିହାସିକ ଦୀପାବଳିକୁ, ଯେଉଁଠି ଭାରତର ଷ୍ଟିଲ୍ ପାୱାର ବିଶ୍ୱ ଦରବାରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ।

# ୬୦ ହଜାରରେ ଆପଲ୍‌ର ନୂଆ ମ୍ୟାଜିକ୍: MacBook Neoର ଏଣ୍ଟ୍ରି



i- phone, macbook ସମସ୍ତଙ୍କର ଡ୍ରିମ୍ ପ୍ରୋଜେକ୍ଟ।ଏହି ସ୍ୱପ୍ନ ଏବେ ନିକଟତର ହେବାକୁ ଯାଉଛି। ବିଶ୍ୱର ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ 'ଆପଲ୍' ଲଞ୍ଚ୍ କରିଛି ତାର ସବୁଠାରୁ ଚର୍ଚ୍ଚିତ ଏବଂ ବଜେଟ୍ ଫ୍ରେଣ୍ଡଲି ମଡେଲ୍ MacBook Neo। ଯାହାର ପ୍ରାରମ୍ଭିକ ମୂଲ୍ୟ ₹୬୯,୯୦୦ ରଖାଯାଇଥିବା ବେଳେ ଏହା ବିଶେଷ କରି ଛାତ୍ରଛାତ୍ରୀ ଏବଂ ଦୈନନ୍ଦିନ ବ୍ୟବହାରକାରୀଙ୍କୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। ସ୍ୱତନ୍ତ୍ର 'ଷ୍ଟୁଡେଣ୍ଟ ଅଫର୍' ଅଧୀନରେ ଏହି ଡିଭାଇସ୍‌ଟି ପ୍ରାୟ ₹୬୦,୦୦୦ ମଧ୍ୟରେ ଉପଲବ୍ଧ ହେବାର ସମ୍ଭାବନା ରହିଛି, ଯାହା ଆପଲ୍‌ର ପ୍ରିମିୟମ୍ ଇକୋସିଷ୍ଟମକୁ ସାଧାରଣ ଗ୍ରାହକଙ୍କ ନିକଟତର କରିବ। 'MacBook Neo' ରେ ୧୩-ଇଞ୍ଚର ବିଶିଷ୍ଟ 'Liquid Retina Display' ବ୍ୟବହାର କରାଯାଇଛି, ଯାହା ଦୃଶ୍ୟମାନ ଗୁଣବତ୍ତାକୁ ଅଧିକ ସ୍ୱଷ୍ଟ ଓ ଜୀବନ୍ତ କରିଥାଏ। ଏଥିସହିତ ଏଥିରେ 1080p HD ୱେବକ୍ୟାମ୍‌ର ସୁବିଧା ରହିଛି, ଯାହା ଅନଲାଇନ୍ ଶିକ୍ଷା ଓ ଭିଡିଓ କନଫରେନ୍ସିଂ ପାଇଁ ଏକ ଅତ୍ୟାଧୁନିକ ମାଧ୍ୟମ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ବ୍ୟାଟେରୀ କ୍ଷମତା; କମ୍ପାନୀର ଦାବି ଅନୁଯାୟୀ ଏହା ୧୬ ଘଣ୍ଟା ପର୍ଯ୍ୟନ୍ତ ନିରନ୍ତର ବ୍ୟାକଅପ୍ ପ୍ରଦାନ କରିବାରେ ସକ୍ଷମ ହେବ ।

ବିଶ୍ଳେଷକଙ୍କ ମତରେ, ଏହି ନୂଆ ମଡେଲ୍‌ଟି ପୁରୁଣା MacBook Air M1 ର ଏକ ଦମଦାର୍ ବିକଳ୍ପ ହେବ । ଯଦିଓ Air M1 ବିଭିନ୍ନ ଅନଲାଇନ୍ ସେଲ୍‌ରେ ₹୬୦,୦୦୦ ରୁ କମ୍ ମୂଲ୍ୟରେ ଉପଲବ୍ଧ ହେଉଛି, ତଥାପି MacBook Neo ର ନୂତନ ପ୍ରଯୁକ୍ତିବିଦ୍ୟା ଓ ସ୍ଲିମ୍ ଡିଜାଇନ୍ ଗ୍ରାହକଙ୍କ ମଧ୍ୟରେ ଅଧିକ କୌତୂହଳ ସୃଷ୍ଟି କରିଛି। ଏହାସହ ଡେସ୍କଟପ୍ ବ୍ୟବହାରକାରୀଙ୍କ ପାଇଁ ₹୫୯,୯୦୦ ରୁ ଆରମ୍ଭ ହେଉଥିବା 'Mac mini' ମଧ୍ୟ ବଜାରରେ ଉପଲବ୍ଧ ରହିଛି। ସୁଲଭ ମୂଲ୍ୟରେ ପ୍ରିମିୟମ୍ ଅନୁଭୂତି ପ୍ରଦାନ କରି ଆପଲ୍ ବର୍ତ୍ତମାନ ଭାରତୀୟ ବଜାରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

**Corporate Calendar**

# ଓଡ଼ିଶାରେ ଜିଓ ନେଟୱାର୍କରେ ଯୋଡ଼ି ହେଲେ ୧.୮ ଲକ୍ଷ ନୂତନ ଉପଭୋକ୍ତା




ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ରିଲାଏନ୍ସ ଜିଓ ଗତ ଜାନୁଆରୀରେ ରାଜ୍ୟରେ ସର୍ବାଧିକ ୧.୮ ଲକ୍ଷ ନୂତନ ମୋବାଇଲ୍ ଓ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଯୋଡିଛି । ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (TRAI) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଜାନୁଆରୀ ମାସରେ ଓଡ଼ିଶାରେ ୧.୫୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୨୩୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି । ସମ୍ପ୍ରତି ଓଡ଼ିଶାରେ ୪୬ ପ୍ରତିଶତରୁ ଅଧିକ ମୋବାଇଲ୍ ଉପଭୋକ୍ତା ବଜାର ଅଂଶ ଏବଂ ଘରୋଇ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ୬୦ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ଜିଓ ସର୍ବାଗ୍ରେ ରହିଛି । ଏଥି ସହିତ ଓଡ଼ିଶାରେ ଜିଓ ସର୍ବାଧିକ ୧.୭୪ କୋଟିରୁ ଅଧିକ ମୋବାଇଲ୍ ଉପଭୋକ୍ତା, ୩.୬୪ ଲକ୍ଷ ଜିଓଫାଇବର ଉପଭୋକ୍ତା ଏବଂ ୩.୫୧ ଲକ୍ଷ ଜିଓଏୟାରଫାଇବର ଉପଭୋକ୍ତାଙ୍କ ସହିତ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି । ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ହଜାର ହଜାର ଗ୍ରାମରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇ ଜିଓ ସେମାନଙ୍କ ଘରପାଖରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି ।

# ବଜାରକୁ ଆସିଲା 'ଅନୁ ଟି'

## ସାରଳା ପ୍ୟାକେଜିଙ୍ଗ ସିଷ୍ଟମ୍ସର ନୂଆ ଉଦ୍ୟୋଗ




ଓଡ଼ିଶା ବଜାରକୁ ଆସିଛି ଏକ ନୂଆ ବ୍ରାଣ୍ଡର ଚା 'ଅନୁ ଟି' । ଗ୍ରାହକମାନଙ୍କୁ ଶୁଦ୍ଧ ଚା' ଭେଟିଦେବା ପାଇଁ ସାରଳା ପ୍ୟାକେଜିଙ୍ଗ ସିଷ୍ଟମ୍ସ ପକ୍ଷରୁ ଏହି ନୂଆ ବ୍ରାଣ୍ଡ ଆରମ୍ଭ ହୋଇଛି । କଟକ ବୟାଳିଶ ମୌଜା ଦଧିବାମନପୁର ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସରେ ଏହି ବ୍ରାଣ୍ଡର ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇଛି । 'ଅନୁ ଟି'ର ପ୍ରୋପ୍ରାଇଟର ଅନୁରାଧା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ Odisha Assembly of Small and Medium Enterprises (OASME) ର ଅଧକ୍ଷ ଗୌରୀଶଙ୍କର ଦାଶ, ସମ୍ମାନିତ ଅତିଥି ଭାବେ ଡିଆରପି, କଟକ ରବୀନ୍ଦ୍ର କୁମାର ସାହୁ, OASMEର ମହାସଚିବ ସାତ୍ତ୍ୱିକ ସ୍ୱାଇଁ, OASMEର ମହିଳା ଶାଖା ସଚିବ ଅନ୍ୱେଷା ରାଉତ, ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାହକମାନଙ୍କୁ ଶୁଦ୍ଧ ଓ ଅପମିଶ୍ରଣମୁକ୍ତ ଚା ଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଚା'କୁ ଉନ୍ନତ ମାନର ପ୍ୟାକେଜିଙ୍ଗ କରି ଗ୍ରାହକମାନଙ୍କୁ ଯୋଗାଇଦେବୁ । କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ଏହା ଉପଲବ୍ଧ ହେବ ବୋଲି ପ୍ରୋପ୍ରାଇଟର ଅନୁରାଧା ନାୟକ କହିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥାପନା ଓ ପରିଚାଳନା କରିଥିଲେ ଚନ୍ଦନ କୁମାର ବାରିକ।

# 6th FICCI FLO Odisha Awards




FICCI FLO Bhubaneswar successfully hosted the 6th FLO Odisha Awards on 18 March 2026 at Mayfair Convention, Bhubaneswar, celebrating the remarkable achievements of women entrepreneurs and professionals from across Odisha who have made significant contributions to economic growth and social development. The event was graced by Chief Guest Speaker of the Odisha Legislative Assembly, Surama Padhy, Guest of Honour Sampad Chandra Swain, Minister of Industries, Skill Development & Technical Education. The 6th FLO Odisha Awards recognised outstanding women achievers across diverse sectors for their leadership, innovation and impactful contributions.

**Taste of Business**

# ଓଡ଼ିଶୀ ଥାଳିରୁ ଇଣ୍ଟରନେସନାଲ୍ କ୍ୟୁଜିନ୍

## ବଦଳୁଛି ଭୁବନେଶ୍ୱରର ଖାଦ୍ୟ ମିଜାଜ୍

ମନ୍ଦିର ମାଳିନୀ ସହର ଭୁବନେଶ୍ୱର ଏବେ କେବଳ ଐତିହ୍ୟ କିମ୍ବା ପ୍ରଶାସନିକ କେନ୍ଦ୍ରରେ ସୀମିତ ନାହିଁ, ବରଂ ଏହା ସାଜିଛି ଏକ 'ଗ୍ଲୋବାଲ୍ ଫୁଡ୍ ହବ୍'। ଦିନ ଥିଲା ଯେବେ ଲୋକେ କେବଳ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପସନ୍ଦ କରୁଥିଲେ, କିନ୍ତୁ ସମୟ ସହିତ ରାଜଧାନୀବାସୀଙ୍କ ସ୍ୱାଦ ଏବେ ବଦଳିଛି। ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନର ଆଭିଜାତ୍ୟ ସହ ଏବେ ବିଦେଶୀ ସ୍ୱାଦର ଅପୂର୍ବ ମିଶ୍ରଣ ସହରର ଖାଦ୍ୟ ସଂସ୍କୃତିକୁ ଏକ ନୂଆ ରୂପ ଦେଇଛି। ବିଶେଷ କରି ସହରର କାଫେ କଲ୍‌ଚର୍ ଏବେ ଶୀର୍ଷରେ ପହଞ୍ଚିଛି।

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ କାଫେଗୁଡ଼ିକ କେବଳ ଖାଦ୍ୟ ପାଇଁ ନୁହେଁ, ବରଂ ବନ୍ଧୁମିଳନ ଏବଂ ଆଧୁନିକ ଜୀବନଶୈଳୀର ପ୍ରତୀକ ସାଜିଛି।ଏହି ପରିପ୍ରେକ୍ଷୀରେ ସହରର ପ୍ରମୁଖ କାଫେ ଓ ରେଷ୍ଟୁରାଣ୍ଟଗୁଡ଼ିକରେ 'ଫାଇନ୍ ଡାଇନିଂ' ସହ ଉନ୍ନତମାନର ମଦ୍ୟପାନ(Liquor) ର ସୁବିଧା ମଧ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହାସହିତ ଇଣ୍ଟରନେସନାଲ୍, କଣ୍ଟିନେଣ୍ଟାଲ୍ ଏବଂ ଚାଇନିଜ୍ ଖାଦ୍ୟର ଚାହିଦା ଏବେ ଆକାଶଛୁଆଁ ହୋଇଥିବା ବେଳେ,ସୁସଜ୍ଜିତ ଆଲୋକମାଳା, ମନଛୁଆଁ ସଙ୍ଗୀତ ଏବଂ ବିଦେଶୀ ସ୍ୱାଦର ଯାଦୁ ରାଜଧାନୀର ରାତିକୁ ଆହୁରି ରଙ୍ଗୀନ କରିଦେଉଛି।

"Birch ବର୍ଚ୍ଚ"ଏହାର ପ୍ରିମିୟମ୍ ଲୁକ୍ ଏବଂ ନିଜର ଆଭିଜାତ୍ୟପୂର୍ଣ୍ଣ ପରିବେଶ ଏବଂ ୟୁରୋପୀୟ ସ୍ୱାଦର ଖାଦ୍ୟ ପାଇଁ ଏକ ନୂଆ କ୍ରେଜ୍ ସୃଷ୍ଟି କରିଥିବାବେଳେ "Romeo Lane ରୋମିଓ ଲେନ"ରେ ମିଳୁଥିବା ବିଦେଶୀ ସ୍ୱାଦର ବ୍ୟଞ୍ଜନ ଏବଂ ଚମତ୍କାର ଇଣ୍ଟେରିୟର ଯୁବପିଢ଼ିଙ୍କୁ ବେଶ୍ ଆକର୍ଷିତ କରୁଛି।ଏବଂ "Raasta ରାସ୍ତା" ମ୍ୟୁଜିକ୍ ସହିତ ୟୁନିକ୍ ଖାଦ୍ୟର କମ୍ବିନେସନ୍ ଏଠାରେ ସବୁବେଳେ ଭିଡ଼ ଜମାଇଥାଏ। "Uttopia ୟୁଟୋପିଆ"ଏବଂ "Skyfie ସ୍କାଇଫାଇ" ଏହି କାଫେଗୁଡ଼ିକରେ କେବଳ ଖାଦ୍ୟ ନୁହେଁ, ବରଂ ଉନ୍ନତମାନର ସେବା ଏବଂ ବିଦେଶୀ ରାନ୍ଧଣାଶୈଳୀ ଲୋକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରୁଛି। ଏବେ ରାଜଧାନୀରେ 'ଫାଇନ୍ ଡାଇନିଂ'ର ସଂଜ୍ଞା ବଦଳିଛି। ଇଟାଲୀୟ ପାସ୍ତା, ମେକ୍ସିକାନ୍ ଟାକୋସ୍ କିମ୍ବା ଅଥେଣ୍ଟିକ୍ ଚାଇନିଜ୍‌ର ସ୍ୱାଦ ଚାଖିବା ପାଇଁ ଏହି କାଫେଗୁଡ଼ିକ ବାହାରେ ଗ୍ରାହକଙ୍କ ଲମ୍ବା ଭିଡ଼ ଦେଖିବାକୁ ମିଳୁଛି। ଶୁଦ୍ଧ ଏବଂ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରିବେଷଣ ଏହି କାଫେଗୁଡ଼ିକର ସଫଳତାର ମୂଳମନ୍ତ୍ର ସାଜିଛି।

ଲୋକଙ୍କର ବିଶ୍ୱସ୍ତରୀୟ ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବାର ମୁଖ୍ୟ କାରଣ ହେଉଛି ଭୁବନେଶ୍ୱରର କସ୍ମୋପଲିଟାନାଲ୍ ଜୀବନଶୈଳୀ। ସୁସଜ୍ଜିତ ପ୍ଲେଟିଂ, ସୁନ୍ଦର ଡାଇନିଂ ସ୍ୱାସ୍ଥ୍ୟକର ସାମଗ୍ରୀର ବ୍ୟବହାର ଏବଂ ଏକ ନୂଆ ପ୍ରକାରର ଅନୁଭୂତି ପାଇବା ପାଇଁ ଲୋକେ ଏହି କାଫେଗୁଡ଼ିକରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। "ଭୁବନେଶ୍ୱର ଏବେ କେବଳ ଏକ ସହର ନୁହେଁ, ଏହା ଏକ 'ଫୁଡ୍ ଡେଷ୍ଟିନେସନ୍'ରେ ପରିଣତ ହୋଇଛି, ଯେଉଁଠି ପାରମ୍ପରିକ ପଖାଳ କଂସା ସହ ଇଟାଲୀୟ ପାସ୍ତା ଏବଂ ମେକ୍ସିକାନ ଖାଦ୍ୟର ସହବସ୍ଥାନ ଦେଖିବାକୁ ମିଳୁଛି । ଯାହା ସ୍ମାର୍ଟ ସିଟିକୁ ସ୍ୱାଦ ଓ ବିଳାସ କ୍ଷେତ୍ରରେ ମଧ୍ୟ ସ୍ମାର୍ଟ କରିପାରିଛି ।



**Biz Zones**

## WEST ODISHA STORY

# ଅନୁଗୁଳ, ଝାରସୁଗୁଡ଼ାରେ ୨ଟି ନୂଆ କୋଲ୍ ୱାସେରି ସ୍ଥାପନ କରିବ MCL

କୋଲ୍ ଇଣ୍ଡିଆର ସହାୟକ କମ୍ପାନି ମହାନଦୀ କୋଲ୍ଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍) ରାଜ୍ୟରେ ଦୁଇଟି କୋଇଲା ୱାସେରି ସ୍ଥାପନ କରିବାକୁ ଯୋଜନା ରଖିଛି। ରାଜ୍ୟସଭାରେ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଏମ୍ସିଏଲ୍ ପକ୍ଷରୁ ଅନୁଗୁଳ ଜିଲ୍ଲାର ବଳରାମ-ହିଙ୍ଗୁଳା ଖଣି ଅଞ୍ଚଳରେ ବାର୍ଷିକ ୧୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ବଡ଼ ୱାସେରି ସ୍ଥାପନ କରାଯିବ। ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ର ମିଳିତ ସହଯୋଗରେ ସ୍ଥାପିତ ଯୌଥ ଉଦ୍ୟୋଗ ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ୍) ଏହି ପ୍ରକଳ୍ପ ସ୍ଥାପନ କରୁଛି। ସାରା ଦେଶରେ ୭୯ଟି କୋଇଲା ୱାସେରି ରହିଛି। ସେଥିରୁ ୧୩ଟି କୋଲ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ହେଉଛି। ଏମ୍ସିଏଲ୍ରୁ ୨୫ ପ୍ରତିଶତ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ କୋଲ୍ ଇଣ୍ଡିଆ ଲିମିଟେଡ୍



ଦ୍ୱିତୀୟ ୱାସେରିକୁ ଝାରସୁଗୁଡ଼ା ଜିଲ୍ଲାର କୁଲ୍ଡ଼ା-ଗର୍ଜନବାହାଲ ଅଞ୍ଚଳରେ ପ୍ରତିଷ୍ଠା କରାଯିବ। ଏହାର ବାର୍ଷିକ କ୍ଷମତା ୧୨ ନିୟୁତ ଟନ୍ ରହିଛି। ଏହି ଦୁଇ ପ୍ରକଳ୍ପ ଜରିଆରେ କମ୍ପାନିର ୱାସେରି କ୍ଷମତା ୨୭ ନିୟୁତ ଟନ୍ ବୃଦ୍ଧି ପାଇବ। ସେ ଏହା ମଧ୍ୟ ଜଣାଇଛନ୍ତି ଯେ ଝାରସୁଗୁଡ଼ାର ଲଖନପୁରରେ ସ୍ଥାପନ କରାଯାଉଥିବା ଗ୍ୟାସ୍ ଆଧାରିତ ଆମୋନିୟମ ନାଇଟ୍ରେଟ୍ କାରଖାନା ୨୦୨୯-୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। କୋଲ୍ ଇଣ୍ଡିଆ ଓ ଭାରତ ହେଭି (ସିଆଇଏଲ୍)ର ବୋର୍ଡ ବୈଠକରେ ଅନୁମୋଦନ ପ୍ରଦାନ କରାଯାଇଛି। ଏମ୍ସିଏଲ୍ ହେଉଛି କୋଲ୍ ଇଣ୍ଡିଆର ଏକ ସହାୟକ କମ୍ପାନି। ଦୁଇ ସହାୟକ କମ୍ପାନି ଏମ୍ସିଏଲ୍ ଓ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍ଫିଲ୍ଡସ୍ ଲିମିଟେଡ୍ (ଏସ୍ଇସିଏଲ୍)ରୁ ପୁଞ୍ଜି ପ୍ରତ୍ୟାହାର ପ୍ରସ୍ତାବ ମଞ୍ଜୁର ହୋଇଛି। ଅଫର୍ ଫର୍ ସେଲ୍ (ଓଏଫ୍ଏସ୍) ଜରିଆରେ ଏହି ଅଂଶଧନ ବିକ୍ରି ହେବ। ଅଂଶଧନ ବିକ୍ରିରୁ ସଂଗୃହୀତ ହେବାକୁ ଥିବା ପାଣ୍ଠିକୁ ବିଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ହାସଲ କରିବାରେ ବ୍ୟବହାର କରାଯିବ।

# ଡ. ଅଶୋକ କୁମାର ପଣ୍ଡା SAILର ପରବର୍ତ୍ତୀ ଅଧ୍ୟକ୍ଷ



ପୁଣି ଜାତୀୟ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ପାଇଛନ୍ତି ଓଡ଼ିଆ ପୁଅ । ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦକ ସଂସ୍ଥା ଭାରତୀୟ ଇସ୍ପାତ ପ୍ରାଧିକରଣ (SAIL)ର ପରବର୍ତ୍ତୀ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ (CMD) ହେବେ ଡକ୍ଟର ଅଶୋକ କୁମାର ପଣ୍ଡା। ଏହି ପଦ ପାଇଁ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ୍ ବୋର୍ଡ (ପିଇଏସ୍ବି) ଶ୍ରୀ ପଣ୍ଡାଙ୍କ ନାଁ ସୁପାରିସ କରିଛି । ଶ୍ରୀ ପଣ୍ଡା ବର୍ତ୍ତମାନ 'ସେଲ୍'ର ନିର୍ଦ୍ଦେଶକ (ବାଣିଜ୍ୟକ) ଅତିରିକ୍ତ ଦାୟିତ୍ୱ ସହ ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଅଛନ୍ତି। ପିଇଏସ୍ବି ପକ୍ଷରୁ ଆୟୋଜିତ ଏକ ଉଚ୍ଚସ୍ତରୀୟ ସାକ୍ଷାତକାରରେ ରାଉରକେଲା ଇସ୍ପାତ କାରଖାନା (RSP)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସମେତ ଦେଶର ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାର ୧୦ ଜଣ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। କ୍ୟାବିନେଟ୍ ନିଯୁକ୍ତି କମିଟିର ଚୂଡ଼ାନ୍ତ ଅନୁମୋଦନ ପରେ ଶ୍ରୀ ପଣ୍ଡା ଏହି ପଦବିରେ ୨୦୨୯ ଡିସେମ୍ବର ୩୧ ପର୍ଯ୍ୟନ୍ତ ରହିବେ। ବର୍ତ୍ତମାନର ସିଏମ୍ଡି ଅମରେନ୍ଦୁ ପ୍ରକାଶ ବ୍ୟକ୍ତିଗତ କାରଣରୁ ଏପ୍ରିଲ ୧ ତାରିଖରୁ ସ୍ୱେଚ୍ଛାକୃତ ଅବସର ନେବେ। ଡ. ପଣ୍ଡା ଗତ ତିନି ଦଶନ୍ଧି ଧରି 'ସେଲ୍'ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ୧୯୯୨ରେ ଆର୍ଏସ୍ପିରେ ଯୋଗ ଦେଇଥିଲେ। ପରେ ମହାପ୍ରବନ୍ଧକ, ଭିଲାଇ ଇସ୍ପାତ କାରଖାନାରେ ଇଡି, 'ସେଲ୍'ର ଅର୍ଥ ନିର୍ଦ୍ଦେଶକ ଆଦି ଦାୟିତ୍ୱ ତୁଲାଇଛନ୍ତି । ବ୍ରହ୍ମପୁରର ମୂଳ ବାସିନ୍ଦା ଡ. ପଣ୍ଡା ଖଲ୍ଲିକୋଟ ମହାବିଦ୍ୟାଳୟରୁ ଆଇଏସ୍ସି, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ପୂର୍ବରୁ ୟୁସିଇ ବୁର୍ଲା)ରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସ୍ନାତକ, ଏକ୍ସଆଇଏମ୍ ଭୁବନେଶ୍ୱରରୁ ପିଜିଡିଏମ୍ (ଫାଇନାନ୍ସ) ଏବଂ ବ୍ୟବସାୟ ପ୍ରଶାସନରେ ପିଏଚ୍ଡି ଡିଗ୍ରୀ ହାସଲ କରିଛନ୍ତି।

# Rs 200 crore IT Hub planned in Sambalpur

Sambalpur is being positioned as the IT hub for the western region, with the state government pushing forward key projects which include an IT park along with an IT tower. For the projects, the process of land identification has already been completed, paving the way for early execution. The recent visit of additional chief secretary to Energy and Electronics & Information Technology (E&IT) Department and district nodal officer Vishal Kumar Dev has brought focus back on Sambalpur's prospects as an emerging IT hub. After his review, Dev said, the initiative is part of the government's broader strategy to decentralise IT growth beyond Bhubaneswar and promote cities like Sambalpur, Rourkela, Jharsuguda, and Berhampur as emerging technology centres. Emphasising the government's intent, he said Sambalpur is among the key cities identified for expanding the IT footprint in Odisha. "The groundwork for IT park and IT tower is already in place and the government has made a provision of around Rs 200 crore for the project," he informed. Dev said Sambalpur holds strong potential to attract multinational companies once the infrastructure is in place. The upcoming infrastructure will serve as a catalyst for industrial growth and significantly boost employment opportunities, particularly for the local youth, while also supporting the growth of ancillary sectors by attracting investment. In addition to infrastructure development, steps are being taken to strengthen skill development and technological capabilities. A centre of excellence in artificial Intelligence is planned at VSSUT, Burla which will promote advanced learning and research in emerging technologies. "The initiative is expected to bridge the gap between academia and industry while equipping students with future-ready skills," he added. Dev said talks are underway with leading IT firm Zoho for skill development initiatives which will open up new employment opportunities for the youth of Sambalpur. With infrastructure projects, academic initiatives and industry partnerships progressing simultaneously, Sambalpur is gradually positioning itself as a promising IT destination in western Odisha.

## SOUTH SIDE ODISHA

# Central University, Koraput flags in 'Global Summit on Blue Economy'

The Bhubaneswar City Knowledge Innovation Cluster (BCKIC) Foundation organised the Global Summit on Blue Economy on 13th and 14th March at Odisha Convention Centre, Lok Seva Bhavan, Bhubaneswar, in partnership with the Commerce and Transport Department, Govt. of Odisha, under the Science and Technology Cluster, Govt. of India. The theme of the Summit was 'Harnessing Science, Innovation and Sustainability for India's Marine Future'. The summit envisaged important dignitaries like Smt. Anu Garg, IAS, Chief Secretary, Govt. of Odisha; Dr. M. Ravichandran, Secretary, MoES, Govt. of India; Shri N.B.S. Rajput, IAS, Principal Secretary, C&T Dept, Govt. of Odisha, H.E. Karlitu Nunes, Ambassador of Timor-Leste to India, Sh. Arun Bothra, IPS, ADG Railways & Coastal Security in Odisha, Sh. Satyaranjan Dash, DIG, Coast Guard; Sh. Vishal Dev, IAS, ACS, Dept. of Energy, GoO, Sh. Banchhanidhi Pani, IAS, Commissioner vadodara municipal Corp. Gujarat; Dr. Chime Youdon, Head of Blue Economy, National Maritime Foundation, Ambassadors from US, Germany etc and Official Delegations from 14 coastal and maritime nations, along with policymakers, researchers, investors, industry leaders, startups, academic and civil organizations were present in the Summit. Dr. Namrata Misra, CEO, BCKIC and Prof. Mrutyunjay Suar, Chairman BCKIC hosted the programme.

Dr. Kakoli Banerjee, Assistant Professor in the Department of Biodiversity & Conservation of Natural Resources represented Central University of Odisha and presented her paper on' Blue Carbon and Blue Economy in Coastal Odisha' and her Ph.D. Scholar, in the same department Ms. G Jayanti Reddy, presented her paper on 'Carbon Sequestration by Seagrass and Saltmarsh Grass of Coastal Odisha'.

Ms. G Jayanti Reddy received the Taylor & Francis Innovative Idea Award in the Summit for Oral Presentation under the Students Category. She was well appreciated by the Organisers, Vice-Chancellor, Prof. Narasingha Charan Panda; Registrar, Dr. Rakesh Kumar Lenka, and all other faculties and staffs of CUO and abroad.



## FINDING NORTH ODISHA



# କେନ୍ଦୁଝରକୁ ଆସୁଛି ଆଉ ୭ଟି ଶିଳ୍ପ: ମୁଖ୍ୟମନ୍ତ୍ରୀ

କେନ୍ଦୁଝରକୁ 'ସୁନାର କେନ୍ଦୁଝର' କରିବା ଆମ ଲକ୍ଷ୍ୟ । କେନ୍ଦୁଝରରେ ଖଣି, ପାଣି, ବୈତରଣୀ ଓ ସର୍ବୋପରି ମା' ତାରିଣୀ ଅଛନ୍ତି । ୨୪ ବର୍ଷରେ ବିଜେଡି ସରକାର କେବଳ କଥା କହୁଥିଲେ, କିଛି କାମ କରୁ ନ ଥିଲେ। କେନ୍ଦୁଝରକୁ ଆଉ ଗାଉଁଲିଆ କରି ରଖିବୁ ନାହିଁ। କେନ୍ଦୁଝରକୁ ସିଟି କରିବୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି | ପୂର୍ବ ସରକାର ସମୟରେ ଯେଉଁ ଶିଳ୍ପ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି କରିଥିଲେ ସେମାନେ ପଳାଇଲେ । କିନ୍ତୁ ଆମ ସରକାର ସମୟରେ କେନ୍ଦୁଝରକୁ ଆଉ ୭ଟି ଶିଳ୍ପ ଆସୁଛି | ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପୂର୍ବ ସରକାର କେନ୍ଦୁଝର ଜିଲାରେ କିଛି କରିନାହିଁ। ଆଜି କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ହେବାକୁ ଯାଉଛି। ପୂର୍ବ ସରକାର କେନ୍ଦୁଝର ଜିଲ୍ଲାକୁ ବିନାଶ ଆଡ଼କୁ ନେଉଥିଲେ। କେବଳ ଭୋଟବ୍ୟାଙ୍କ ପାଇଁ କାମ କରୁଥିଲେ। ବିକାଶ ପାଇଁ କିଛି ବି କାର୍ଯ୍ୟ କରୁ ନ ଥିଲେ। ସେ ସମୟରେ ବ୍ୟୁରୋକାଟମାନେ ଶାସନ କରୁଥିଲେ । ଜଣଙ୍କ ହାତରେ କ୍ଷମତା ଥିଲା। ଏବେ ଡବଲ ଇଞ୍ଜିନ ସରକାର ରାଜ୍ୟର ବିକାଶ ପାଇଁ କାମ କରିଛନ୍ତି । ଯେଉଁଦିନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା, ସେହିଦିନ କେନ୍ଦୁଝରବାସୀ ବହୁତ ଖୁସି ହୋଇଥିଲେ । କାରଣ କେନ୍ଦୁଝରରୁ ଜଣେ ଆଦିବାସୀ ବିଧାୟକ ମୁଖ୍ୟମନ୍ତ୍ରୀ ହେଲେ ବୋଲି କହିଛନ୍ତି ଶ୍ରୀ ମାଝୀ | ଏହି ମିଶ୍ରଣ ପର୍ବରେ କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷ ଓ ୯ ଜଣ କାଉନସିଲର ବିଜେପିରେ ଯୋଗ ଦେଇଥିଲେ | ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ |

**Growth Central**

# ନୂଆଦିଲ୍ଲୀରେ ଓଡ଼ିଶା ଚାମ୍ବର ଅଫ୍ କମର୍ସର 'ଓଡ଼ିଶା ଆଡଭାନଟେଜ୍' ସମ୍ମିଳନୀ




ରାଜଧାନୀ ଦିଲ୍ଲୀର କନ୍ଷ୍ଟିଚ୍ୟୁସନ କ୍ଲବଠାରେ 'ଓଡ଼ିଶା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଓଡ଼ିଶା ଆଡଭାନଟେଜ୍ ଶୀର୍ଷକ ସମ୍ମିଳନୀ-୨୦୨୬ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଓଡିଶାର ଅନେକ ବରିଷ୍ଠ ଅଧିକାରୀ ଓ ନୀତି ନିର୍ଦ୍ଧାରକ ଯୋଗ ଦେଇଥିଲେ | ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଯୁଗ୍ମ ସଚିବ ଡ. କମଳାକାନ୍ତ ତ୍ରିପାଠୀ, ବରିଷ୍ଠ ଡାକ୍ତର ତଥା ସମ୍ ଅଲଟିମେଟ୍ ମେଡିକେୟାର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପତି, ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ସଂଗ୍ରାମ ପଟ୍ଟନାୟକ, ଏନ୍ଆଇଇପିଏର ସଚିବ ସୂର୍ଯ୍ୟନାରାୟଣ ମିଶ୍ର, ଆଇଆଇଏମ୍ ପ୍ରଫେସର ସତ୍ୟଭୂଷଣ ଦାସ, ରାଜେଶ କୁମାର ଦାସ, ଡ. ପ୍ରକାଶ କୁମାର ପଣ୍ଡା, ଡ. କୃଷ୍ଣଚନ୍ଦ୍ର ସାହୁ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉପସଚିବ ଲିଙ୍ଗରାଜ ପଣ୍ଡା, ଭାରତ ସରକାରଙ୍କ କୌଶଳ ବିଭାଗର ଉପନିର୍ଦ୍ଦେଶକ ମିଳନ କୁମାର ସାହୁ ଓ କେନ୍ଦ୍ର ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଡ. ସଞ୍ଜିବ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ । ସେମାନେ ବିଶେଷ ଭାବେ ଉଲ୍ଲେଖ କରିଥିଲେ ଯେ ଓଡିଶାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ଉପଯୁକ୍ତ ବାତାବରଣ ରହିଛି । ଉଭୟ ରାଜ୍ୟ ଓ କେନ୍ଦ୍ରରେ ସମାନ ରାଜନୈତିକ ଦଳର ସରକାର ମଧ୍ୟ ରହିଛନ୍ତି । ଓଡିଶାରେ ପ୍ରାକୃତିକ ସମ୍ପଦ ଓ ଯୁବ ପ୍ରତିଭାର ଅଭାବ ନାହିଁ । ଏଭଳି ପରିସ୍ଥିତିରେ ଉପଯୁକ୍ତ ନୀତି ନିର୍ଦ୍ଧାରଣ କରିବା ସହ ପଦକ୍ଷେପ ନିଆଗଲେ ରାଜ୍ୟକୁ ୨୦୩୬ ସୁଦ୍ଧା ବିକଶିତ କରିବା ସକାଶେ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହାକୁ ସଫଳ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ବିକଶିତ ହେଲେ ହିଁ ୨୦୪୭ ସୁଦ୍ଧା ଭାରତ ଯେତେବେଳ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ ସେତେବଳେ ଦେଶ ମଧ୍ୟ ବିକଶିତ ହୋଇପାରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଥିଲେ ।

# ପ୍ରତି ଘରେ ଉଦ୍ୟୋଗୀ ସୃଷ୍ଟି ପାଇଁ ଓଡ଼ିଶା ଉଦ୍ୟୋଗୀ ପରିବାରର ସଂକଳ୍ପ



ଓଡ଼ିଶା ଉଦ୍ୟୋଗୀ ପରିବାରର ୫ମ ବାର୍ଷିକ ସମାରୋହ ତଥା ସମ୍ବର୍ଦ୍ଧନା ଏବଂ ଆଲୋଚନା ସଭା ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଅନୁଷ୍ଠିତ ହୋଇଯାଇଛି | ଉଦ୍ୟୋଗୀ ପରିବାରର ସଭାପତି ଶିବ ନାରାୟଣ ମିଶ୍ର ଓ ବିଜେପି ଆଇଟି ସେଲ ମୁଖ୍ୟ ଜ୍ୟୋତିରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ | ଗୁଜରାଟ, ମହାରାଷ୍ଟ୍ର ଭଳି ରାଜ୍ୟରେ ଯୁବଶକ୍ତି ଉଦ୍ୟମୀ ମନୋଭାବ ନେଇ ଶିଳ୍ପ ଓ ଉଦ୍ୟୋଗ ପ୍ରତିଷ୍ଠା କରି ଚାଲିଛନ୍ତି | ଓଡିଶାରେ ମଧ୍ୟ ସେହିପରି ଘରେ ଘରେ ଉଦ୍ୟୋଗୀ ସୃଷ୍ଟି କରିବାର ସଂକଳ୍ପ ନେଇ ଓଡ଼ିଶା ଉଦ୍ୟୋଗୀ ପରିବାର ରାଜ୍ୟରେ ଯୁବପିଢ଼ିଙ୍କୁ ଉଦ୍ୟୋଗ ପ୍ରତି ଆକର୍ଷିତ କରିବା ସହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି, ସମ୍ବଳ, ଜ୍ଞାନକୌଶଳ ଓ ବଜାର ଯୋଗାଇବା ଭଳି କାର୍ଯ୍ୟ ଦୀର୍ଘଦିନ ଧରି କରି ଆସୁଛି | ଓଡ଼ିଶାର ଉଦ୍ୟୋଗୀମାନଙ୍କ ସମ୍ମାନ, ସୁରକ୍ଷା ଓ ସମୃଦ୍ଧିକୁ ପ୍ରାଥମିକତା ଦେଇ ଆସିଛି | ଘରେ ଘରେ ଉଦ୍ୟୋଗ ସୃଷ୍ଟି ପାଇଁ ଏକ ଉଦ୍ୟୋଗୀ ବନ୍ଧୁ ବାତାବରଣ ସୃଷ୍ଟି ସହ ଏହି କ୍ଷେତ୍ରରେ ଆସୁଥିବା ବାଧାବିଘ୍ନକୁ ସମ୍ମୁଖୀନ ସହ ସମାଧାନ ପାଇଁ ସଂକଳ୍ପ ନେଇଛି ଉଦ୍ୟୋଗୀ ପରିବାର | ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା | ଦ୍ଵିତୀୟ ଅଧିବେଶନରେ 'ଉପଦେଷ୍ଟା ଓ ବିଶେଷଜ୍ଞଙ୍କ ମାଧ୍ୟମରେ ଉଦ୍ୟୋଗର ସଶକ୍ତିକରଣ ଏବଂ ଭବିଷ୍ୟତର ସ୍ଥାୟୀତ୍ୱ' ଶୀର୍ଷକ ଆଲୋଚନାରେ ଜାଭିଅର ୟୁନିଭରସିଟିର ପ୍ରଫେସର ଡ. ରାମନା, ଡିଜିଏମ ସିଡବି ଡ. ପ୍ରଦ୍ୟୁମ୍ନ ଚୌଧୁରୀ, ଜ୍ୟୋତିଷ ଶାସ୍ତ୍ର ଅର୍ଥନୀତି ଓ କୃତ୍ରିମ ବୁଦ୍ଧିମତା ବିଶେଷଜ୍ଞ ଡ. ବ୍ରହ୍ମଚାରୀ, ସାହିତ୍ୟିକା ଡ.ସୁନୀତି ମୁଣ୍ଡ, ସମାଜସେବୀ ଡ. ରୋଜାଲିନ ପାଟଶାଣୀ, ମହିଳା ଅଧିକାର ଅଭିଯାନ ଆବାହିକା ଡ. ରୀନା ରାଉତରାୟ, ସ୍ୱାବଲମ୍ବୀ ଓଡ଼ିଶାର ଅଧ୍ୟକ୍ଷ ସଦାଶିବ ମିଶ୍ର, ପ୍ରଦ୍ୟୁମ୍ନ ଚୌଧୁରୀ ଉଦ୍ୟୋଗ ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ | ଚଳିତ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ ପୁରସ୍କାର ଭୂପେନ୍ଦ୍ର ପ୍ରତାପ ସିଂ, ସର୍ବାଧିକ ଉଦ୍ୟୋଗ ବଜାର ସହଯୋଗୀ ପୁରସ୍କାର ଅଭିଜିତ ପଣ୍ଡା, ବିଷ୍ଣୁ ମହାରଣାଙ୍କୁ ସର୍ବାଧିକ ପ୍ରୋତ୍ସାହନକାରୀ ପୁରସ୍କାର ପ୍ରଦାନ କରାଯାଇଥିଲା |

# AMNS ଇଣ୍ଡିଆ ଖଣି ପୁରସ୍କୃତ




ଭାରତୀୟ ଖଣି ବ୍ୟୁରୋ (IBM)ର ଭୁବନେଶ୍ବର ଅଞ୍ଚଳ ଆନୁକୂଲ୍ୟରେ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଡିଜିଟାଲ ମାଇନିଂ: ଟ୍ରାନ୍ସଫର୍ମିଂ ଟୁଡେ, ସଷ୍ଟେନିଂ ଟୁମରୋ'। ଏଥିରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ (AMNS) ଇଣ୍ଡିଆ କମ୍ପାନିର ଘୋରାବୁରହାଣୀ ସାଗାସାହି ଖଣି ଓ ଠାକୁରାଣୀ ଖଣିକୁ ବିଭିନ୍ନ ବର୍ଗରେ ପ୍ରଥମ, ଦ୍ବିତୀୟ ଓ ତୃତୀୟ ପୁରସ୍କାର ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଆଇବିଏମ୍ର କଣ୍ଟ୍ରୋଲର ଜେନେରାଲ ପଙ୍କଜ କୁଳଶ୍ରେଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ୍ ପୂର୍ବ ଜୋନ୍ର କଣ୍ଟ୍ରୋଲର ଅଫ୍ ମାଇନ୍ସ ଡ. ପୁଖରାଜ ନେନିୱାଲ, କାର୍ଯ୍ୟକ୍ରମ ଆବାହକ ଅରୁଣ କୁମାର, ଆଞ୍ଚଳିକ ଖଣି ଭୂବିଜ୍ଞାନୀ ସଞ୍ଜୀବ କୁମାର ମହାପାତ୍ର ଏଏମ୍ଏନ୍ଏସ୍ ଇଣ୍ଡିଆର ବରିଷ୍ଠ ମହାପ୍ରବନ୍ଧକ (ଖଣି ପରିଚାଳନା) ଅମିତ କୁମାର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ ।

# Paradip Port Authority conducts site visit for the proposed Bahuda Satellite Port



Paradip Port Authority (PPA) has taken a significant step forward in the development of the proposed Bahuda Satellite Port, with its leadership conducting the first on-ground inspection of the project site at Chikiti today.

The visit was led by Shri P. L. Haranadh, IRTS, Chairman, and Shri T. Venu Gopal, Deputy Chairman, along with Board Members and senior officials. This marks the commencement of on-site activities following the Memorandum of Understanding (MoU) signed in September 2025 for the development of the greenfield deep-sea port.

With a planned investment of ₹21,500 crore, the Bahuda Satellite Port is poised to enhance Odisha's maritime capacity and support India's growing trade requirements. The port is being designed to handle large vessels, streamline cargo movement, and ease congestion at existing ports along the eastern coast.

During the visit, the team assessed site conditions and deliberated on key aspects such as infrastructure planning, connectivity, and phased development. The project is expected to improve logistics efficiency while creating strong industrial linkages across the region.


The development is also anticipated to generate substantial employment opportunities and drive industrial growth in Chikiti and surrounding areas, contributing to the state's economic progress.

Speaking on the occasion, Chairman Shri P. L. Haranadh stated that the site visit reflects PPA's commitment to advancing the project in a structured and time-bound manner. He emphasized that the Bahuda Satellite Port will play a crucial role in strengthening Odisha's position in national and global trade.

Following this visit, further technical studies, statutory clearances, and detailed planning activities will be undertaken to move the project toward execution.

Paradip Port Authority remains committed to developing modern, efficient, and sustainable port infrastructure to support the nation's long-term maritime growth.

# ମେଗା ଟ୍ରେଡ୍ ଫେୟାର, ହୋମ୍ ଆଣ୍ଡ ଡେକର୍ ଏକ୍ସପୋ ଆରମ୍ଭ



ଭୁବନେଶ୍ୱର ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ୧୯ତମ 'ଇଣ୍ଡିଆ ଇଣ୍ଟର୍ନ୍ୟାସନାଲ୍ ମେଗା ଟ୍ରେଡ୍ ଫେୟାର୍ (ଆଇଆଇଏମ୍ଟିଏଫ୍) ଓ ୧୯ତମ ହୋମ୍ ଆଣ୍ଡ୍ ଡେକର୍ ଏକ୍ସପୋ ଆରମ୍ଭ ହୋଇଛି। ଏହାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଜିଏସ୍ ମାର୍କେଟିଂ ଆସୋସିଏଟ୍ସର ଆସୋସିଏଟ୍ ଡାଇରେକ୍ଟର ଅନୁପମ ଘୋଷ ଉପସ୍ଥିତ ଥିଲେ। ଏହା ଏପ୍ରିଲ୍ ୪ ପର୍ଯ୍ୟନ୍ତ ଅପରାହ୍ନ ୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଜି ଏସ୍ ମାର୍କେଟିଂ ଆସୋସିଏଟ୍ସ ଓ ଓଡ଼ିଶା ଡେଭଲପର୍ସ ଫେଡେରେସନ୍ (ଓଡିଫେଡ୍)ର ମିଳିତ ସହଯୋଗରେ ଏହି ଏକ୍ସପୋ ଆୟୋଜିତ ହୋଇଛି | ଏହି ଅବସରରେ 'ଓଡିଫେଡ୍'ର ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ କହିଛନ୍ତି ଯେ ଏହି ଏକ୍ସପୋରେ ବ୍ୟାଙ୍କ, ନିର୍ମାଣ ସାମଗ୍ରୀ ନିର୍ମାତା ଓ ବିକ୍ରେତା, ଜୀବନଶୈଳୀ ସମାଧାନ ପ୍ରଦାନକାରୀ ସଂସ୍ଥା ଆଦି ଗୋଟିଏ ସ୍ଥାନରେ ଏକତ୍ରୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ରିଅଲ୍ ଇଷ୍ଟେଟ୍ ସଂସ୍ଥା ୧୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି। କାର୍ଯ୍ୟକ୍ରମରେ ଓଡିଫେଡ୍ର ସମ୍ପାଦକ ଇଞ୍ଜିନିୟର ଉମେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ପାଞ୍ଚରୁ ଅଧିକ ଦେଶ ଓ ଭାରତର ୧୨ଟି ରାଜ୍ୟ ଆଇଆଇଏମଟିଏଫ୍‌ରେ ଅଂଶଗ୍ରହଣ କରି ୩୫,୦୦୦ରୁ ଅଧିକ ପ୍ରକାରର ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ରିଅଲ୍ ଇଷ୍ଟେଟ୍ ପାଭିଲିୟନରେ ପ୍ରିମିୟମ୍ ଆବାସିକ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ କରାଯାଇଛି।

# ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (PNB)ର ନୂତନ ବଅଁରପାଳ ଓ ଆଠଗଡ଼ ଶାଖା ଉଦ୍‌ଘାଟିତ

ଆର୍ଥିକ ଅନ୍ତର୍ଭୁକ୍ତି ଓ ଆଞ୍ଚଳିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ କରି ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ଦୁଇଟି ନୂତନ ଶାଖା ବଅଁରପାଳ (ଅନୁଗୁଳ) ଓ ଆଠଗଡଠାରେ ଉଦ୍ଘାଟିତ ହୋଇଯାଇଛି । ଏହି ଶାଖା ଦୁଇଟି PNB କଟକ ମଣ୍ଡଳର ୭୧ ଓ ୭୨ତମ ଶାଖା ଅଟେ । ଏହା ରାଜ୍ୟରେ PNBର ୩୬୦ ଓ ୩୬୧ତମ ଶାଖା ଅଟେ । ଏହି ନୂତନ ଶାଖା ଆଞ୍ଚଳିକ ପ୍ରବନ୍ଧକ ଭୁଷଣ ଶର୍ମାଙ୍କ ଦ୍ୱାରା ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଥିଲା । ଉଭୟ ସ୍ଥାନରେ ସମାବେଶକୁ ସମ୍ବୋଧିତ କରି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଶର୍ମା ବ୍ୟକ୍ତି, ବ୍ୟବସାୟ, କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ୟାଙ୍କର ଗ୍ରାହକ-କୈନ୍ଦ୍ରିକ ଉତ୍ପାଦ ଏବଂ ସେବା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସେ ଡିଜିଟାଲ ବ୍ୟାଙ୍କିଙ୍ଗର ବିସ୍ତାର, ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହନ ଓ ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ନୂତନ ଶାଖାଗୁଡିକୁ ସ୍ଥାନୀୟ ଲୋକମାନଙ୍କର ବ୍ୟାଙ୍କିଙ୍ଗ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ଥାପିତ କରାଯାଇଥିବା ସହ ଏହି ଶାଖାଗୁଡିକ ଏହି ଅଞ୍ଚଳର ଆର୍ଥିକ ଅନ୍ତର୍ଭୁକ୍ତି ଓ ଆର୍ଥିକ କାର୍ଯ୍ୟକଳାପରେ ଅଭିବୃଦ୍ଧି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହି ଅବସରରେ ଶ୍ରୀ ଶର୍ମା ବଅଁରପାଳର ଶାଖା ମୁଖ୍ୟ କ୍ରୀଷ୍ଟା ସୁତାର ଏବଂ ଆଠଗଡର ଶାଖା ମୁଖ୍ୟ ରବୀନ୍ଦ୍ର ଦଳେଇ ଙ୍କୁ ବ୍ୟବସାୟିକ ଅଭିବୃଦ୍ଧିରେ ଉତ୍କର୍ଷତା ଆଣିବା ଓ ଶାଖାଗୁଡିକୁ ଲାଭଜନକ ଶାଖାରେ ପରିଣତ କରିବା ପାଇ ଉତ୍ସାହିତ କରିଥିଲେ ।



**StorySelling**

# 'ଧୁରନ୍ଧର' ଦେଲା ବଲିଉଡକୁ ନବକଳେବର

କାଳର କରାଳ ଗତିରେ ସିନେମା କେବଳ ଏକ ମନୋରଞ୍ଜନର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ସମାଜର ପ୍ରତିଛବି ଭାବେ ଉଭା ହୋଇଛି । କେବଳ ଚମକପୂର୍ଣ୍ଣ ଦୃଶ୍ୟ କିମ୍ବା ସୁପରଷ୍ଟାରଙ୍କ ଉପସ୍ଥିତି କ'ଣ ଏକ ସିନେମାକୁ କାଳଜୟୀ କରିପାରିବ? କିମ୍ବା କାହାଣୀର ନିଛକ ବାସ୍ତବତା ହିଁ ଏହାର ପ୍ରକୃତ ପ୍ରାଣପ୍ରତିଷ୍ଠା କରିଥାଏ? ଏହି ଦ୍ୱନ୍ଦ୍ୱର ସମାଧାନ ନେଇ ଆସିଛି ବଲିଉଡର ବହୁପ୍ରତୀକ୍ଷିତ ସିନେମା 'ଧୁରନ୍ଧର-୨' । ଏହା ଯେଉଁଠି ୮୦ ଦଶକର ସେହି ନିଛକ ମୌଳିକତା ସହିତ ୨୦୨୬ର ଅତ୍ୟାଧୁନିକ AI, VFX ଏବଂ ପ୍ରିସିସନ୍ ସିନେମାଟୋଗ୍ରାଫିର ଏକ ସନ୍ତ୍ରାନ୍ତ ସଙ୍ଗମ ଘଟିଛି । ଗୋଟିଏ ପଟେ ୧୯୮୦ର ସେହି ସାମାଜିକ ପ୍ରଭାବ ଏବଂ ଅନ୍ୟପଟେ ଆଜିର ଡିଜିଟାଲ୍ ଯୁଗର ଦ୍ରୁତ ଗତିଶୀଳ ଜୀବନଶୈଳୀ ଏହି ଦୁଇଟିର ସମାନ୍ତରାଳ ଗତି ହିଁ ପ୍ରମାଣ କରୁଛି ଭବିଷ୍ୟତରେ କେବଳ ଷ୍ଟାର୍ ପାୱାର ନୁହେଁ, ବରଂ ଲୋକଙ୍କ ଜୀବନ ସହ ଜଡ଼ିତ ସତ୍ୟ ଘଟଣା ଏବଂ




କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଫିଲ୍ମ ମେକିଂ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ସୂତ୍ରପାତ । ଏହି ଚଳଚ୍ଚିତ୍ର ପ୍ରମାଣ କରୁଛି ଯେ ଦର୍ଶକ ଏବେ ବିଶ୍ୱସ୍ତରୀୟ ମେକିଂ ଏବଂ ଶକ୍ତିଶାଳୀ କାହାଣୀ ଖୋଜୁଛନ୍ତି ।

ଯଦି ଆମେ ୧୯୮୦ ଦଶକର ସେହି ରୂପେଲି ପରଦାକୁ ଅନୁଧ୍ୟାନ କରିବା, ସେତେବେଳେ 'ଆଙ୍ଗ୍ରି ୟଙ୍ଗ୍ ମ୍ୟାନ୍'ଙ୍କ ଯୁଗ ଥିଲା । କାହାଣୀରେ ଆକ୍ସନ୍ ଏବଂ ଇମୋସନ୍‌ର ଭରପୂର ପ୍ରୟୋଗ ହେଉଥିଲା । ପରବର୍ତ୍ତୀ ସମୟରେ ୯୦ ଏବଂ ୨୦୦୦ ଦଶକରେ ରୋମାଣ୍ଟିକ୍ ଓ କାଳ୍ପନିକ ସିନେମା ଦର୍ଶକଙ୍କୁ ଏକ ଭିନ୍ନ ଜଗତକୁ ନେଇଯାଇଥିଲା । ସମୟ ବଦଳିବା ସହ ରୋମାଣ୍ଟିକ୍ ସିନେମାର ପ୍ରଭାବ ବଢ଼ିଲା|ମାତ୍ର ୨୦୨୦ ପରବର୍ତ୍ତୀ ଏହି ନୂତନ ଯୁଗରେ ସିନେମା ନିଜର ଶୈଳୀ ବଦଳାଇଛି । ୨୦୨୬ର ଏହି ସନ୍ଧିକ୍ଷଣରେ ଦର୍ଶକ 'ଫ୍ୟାଣ୍ଟାସି' ଅପେକ୍ଷା 'ଫ୍ୟାକ୍ଟ' ବା ତଥ୍ୟ ଆଧାରିତ ବାସ୍ତବବାଦୀ ସିନେମାକୁ ଆପଣାଉଛନ୍ତି । 'ଧୁରନ୍ଧର-୨' ହେଉଛି ସେହି ପ୍ରୟାସର ଶୀର୍ଷ ବିନ୍ଦୁ, ମୌଳିକ କାହାଣୀ ହିଁ ହିଟ୍ ହେବ ଏବଂ ଭାରତୀୟ ସିନେମା ଏବେ ହଲିଉଡ୍‌କୁ କଡ଼ା ଟକ୍କର ଦେବ । 'ଧୁରନ୍ଧର-୨' ଭଳି ଫିଲ୍ମ ଏହି ରାସ୍ତାକୁ ପ୍ରଶସ୍ତ କରିବା ସହିତ ଆଗାମୀ ଦିନରେ ନିର୍ଦ୍ଦେଶକମାନେ ପାରମ୍ପରିକ ପଦ୍ଧତିରୁ ବାହାରି ନୂଆ ନୂଆ ପରୀକ୍ଷା ନିରୀକ୍ଷା କରିବାକୁ ଅଧିକ ସାହସ ପାଇବେ ।

ଓଡ଼ିଶାର ମାଟି, ସଂସ୍କୃତି ଏବଂ ସାମାଜିକ ସଂଘର୍ଷ ଭିତରେ ଏମିତି ଅନେକ 'ଧୁରନ୍ଧର' କାହାଣୀ ଲୁଚି ରହିଛି । ଯଦି ଆମର ଯୁବ ନିର୍ମାତାମାନେ ବ୍ୟବସାୟିକ ସଫଳତା ପଛରେ ନଗୋଡ଼ାଇ ମୌଳିକତା ଏବଂ ବୈଷୟିକ ଶୁଦ୍ଧତା ଉପରେ ଗୁରୁତ୍ୱ ଦିଅନ୍ତି, ତେବେ ଖୁବ୍ ଶୀଘ୍ର ଓଡ଼ିଆ ସିନେମା ମଧ୍ୟ ବିଶ୍ୱ ଦରବାରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ । ଆଶା କରିବୁ ବଲିଉଡ୍‌ର ଏହି 'ଫିଲ୍ମ ଏରା' ଏବେ ଏକ ନୂଆ କ୍ରାନ୍ତି ଆଣିବାକୁ ଯାଉଛି । ଏହି ପରିବର୍ତ୍ତନର ଢେଉ ଖୁବ୍ ଶୀଘ୍ର ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ମଧ୍ୟ ସ୍ପର୍ଶ କରିବ । 'ଧୁରନ୍ଧର-୨' ହୁଏତ ସେହି ବିଶାଳ ପରିବର୍ତ୍ତନର ଏକ ଶୁଭାରମ୍ଭ ।

# OTT ଯୁଗରେ ଓଡ଼ିଆ ସିନେମାର ସ୍ଥିତି ଓ ସଂଘର୍ଷ


ରିମେକର ରଙ୍ଗ ବନାମ ମୌଳିକତାର ଆତ୍ମା :- ସମୟର ଚକ୍ରରେ ଭାରତୀୟ ସିନେମା ଆଜି ଏକ ଯୁଗାନ୍ତକାରୀ ସନ୍ଧିକ୍ଷଣରେ ଛିଡ଼ା ହୋଇଛି। ଯେଉଁଠି ଦକ୍ଷିଣ ଭାରତୀୟ ସିନେମା 'ମାଟିର କାହାଣୀ'କୁ ନେଇ ବିଶ୍ୱ ଦରବାରରେ ଗର୍ଜନ କରୁଛି, ସେଠି ଆମ ଓଡ଼ିଆ ସିନେମାର ସ୍ଥିତି କୋମାରେ ପଡିରହିଛି |କେବଳ ରିମେକ୍‌ର ରଙ୍ଗ ବୋଳି କିମ୍ବା ପାରମ୍ପରିକ ଫର୍ମୁଲାରେ ବାନ୍ଧି ହୋଇ କ'ଣ ଆମେ OTT ର ଏହି ବିଶାଳ ସ୍ରୋତକୁ ସାମ୍ନା କରିପାରିବା?




ଆଜି 'କାନ୍ତାରା' (Kantara) ପରି ଏକ ଆଞ୍ଚଳିକ କନ୍ନଡ ସିନେମା ପ୍ରମାଣ କରିଦେଇଛି ଯେ, ଯଦି କାହାଣୀରେ ମାଟିର ମହକ ଏବଂ ପରମ୍ପରାର ଶକ୍ତି ଥାଏ, ତେବେ ତାହା କେବଳ ଭାରତ ନୁହେଁ ବରଂ ସାରା ବିଶ୍ୱକୁ ଆନ୍ଦୋଳିତ କରିପାରେ।ଯଦି କେରଳର ଏକ ଛୋଟ ଗାଁର କାହାଣୀ ଆଜି ନ୍ୟୁୟର୍କରେ ବସିଥିବା ଦର୍ଶକଙ୍କୁ ଆନ୍ଦୋଳିତ କରିପାରୁଛି,ତେବେ ଓଡ଼ିଆ ସିନେମା କାହିଁକି OTT ପ୍ଲାଟଫର୍ମରେ ଏକ 'ଅଦୃଶ୍ୟ ସ୍ଥିତି'ରେ ରହିଛି? ଶକ୍ତିଶାଳୀ କାହାଣୀ ଏବଂ ବୈଷୟିକ ଶୁଦ୍ଧତାର ଅଭାବ ଯୋଗୁଁ ଆମର ପ୍ରତିଭା ଥାଇ ମଧ୍ୟ ଆମେ ବିଶ୍ୱସ୍ତରୀୟ ମାନଦଣ୍ଡକୁ ଛୁଇଁପାରୁନାହୁଁ।

ତଥାପି, ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ମୌନ ବିପ୍ଳବ ଆରମ୍ଭ ହୋଇଛି। କିଛି ଯୁବ ଲେଖକ ଓ ନିର୍ଦ୍ଦେଶକ ଏବେ 'ସିନେମା'ର ସଂଜ୍ଞା ବଦଳାଇବାକୁ ସାହସ କରିଛନ୍ତି।ଫକୀର ମୋହନଙ୍କ କାଳଜୟୀ ସୃଷ୍ଟି ଉପରେ ଆଧାରିତ 'ଅନନ୍ତା' ହେଉ, କିମ୍ବା 'ପୁଷ୍କରା'ର ସେହି ଆଧ୍ୟାତ୍ମିକ ଗାମ୍ଭୀର୍ଯ୍ୟ ଏସବୁ ଆମ ମୌଳିକତାର ପରିଚୟ।ବୋଉ-ବୁଟୁ-ଭୁତର ହରର୍ ଅନ୍ଦାଜ ଏବଂ 'ବର-ବଧୂ' ପରି ପାରମ୍ପରିକ କାହାଣୀ ପ୍ରମାଣ କରୁଛି ଯେ ଓଡ଼ିଶାର ସଂସ୍କୃତି ଓ ମାଟିରେ ଅଜସ୍ର ଶକ୍ତିଶାଳୀ କାହାଣୀ ଲୁଚି ରହିଛି। ''ଚାରି ଧାମ' 'ବିନ୍ଦୁସାଗର' ପରି ଚଳଚ୍ଚିତ୍ର IFFI (ଗୋଆ) ପରି ପ୍ରତିଷ୍ଠିତ ମଞ୍ଚରେ ତାର ମୌଳିକବାଦୀ କାହାଣୀ ପାଇଁ ପ୍ରଶଂସା ସାଉଁଟିଛି।ଏପରି ପ୍ରୟାସ ଦର୍ଶାଉଛି ଯେ ଆମର 'ଅଥେଣ୍ଟିକ' କାହାଣୀ ହିଁ ଆମର ପ୍ରକୃତ ପରିଚୟ | ଯେତେବେଳେ ଜଣେ ନିର୍ଦ୍ଦେଶକ ବ୍ୟବସାୟିକ ସଫଳତା ପଛରେ ନଗୋଡ଼ାଇ କାହାଣୀର ଆତ୍ମାକୁ ଛୁଇଁବାକୁ ଚେଷ୍ଟା କରେ, ସେତେବେଳେ ହିଁ ସିନେମା କାଳଜୟୀ ହୁଏ ଏବଂ କାଳକ୍ରମେ ସଫଳତା ପ୍ରାପ୍ତ କରେ।

୧୯୮୦ ଦଶକର ସେହି ମୌଳିକ ଶୈଳୀଠାରୁ ଆରମ୍ଭ କରି ୨୦୨୬ର ଏହି ଡିଜିଟାଲ୍ ବିପ୍ଳବ ପର୍ଯ୍ୟନ୍ତ, ଗୋଟିଏ କଥା ସ୍ପଷ୍ଟ, ଦର୍ଶକ ଏବେ କେବଳ 'ଷ୍ଟାର' ଦେଖିବାକୁ ଚାହୁଁନାହାଁନ୍ତି, ବରଂ ନିଜ ଜୀବନ ସହ ଜଡ଼ିତ ସତ୍ୟ ଷ୍ଟୋରି ଚାହୁଁଛନ୍ତି । ହିନ୍ଦୀ ସିନେମା ଆଜି 'ଧୁରନ୍ଧର-୨' ମାଧ୍ୟମରେ AI ଏବଂ VFX ର ପ୍ରୟୋଗ କରି ହଲିଉଡ୍‌କୁ ଟକ୍କର ଦେଉଥିବା ବେଳେ, ଓଡ଼ିଆ ସିନେମାକୁ ଏବେ ନିଜର 'ଆତ୍ମା' ଖୋଜି ଦର୍ଶକଙ୍କ ଆତ୍ମାକୁ ଛୁଇଁବାକୁ ପଡ଼ିବ। ଯଦି ଆମର ଯୁବ ନିର୍ମାତାମାନେ ବ୍ୟବସାୟିକ ଅନ୍ଧକାରରୁ ବାହାରି 'କାହାଣୀର ଗଭୀରତା' ଉପରେ ଗୁରୁତ୍ୱ ଦେବେ, ସେହି ଦିନ Netflix ଏବଂ Amazon Primeର ଟପ୍ ଲିଷ୍ଟରେ ଓଡ଼ିଆ ସିନେମା ମଧ୍ୟ ଶୀର୍ଷରେ ରହିବ ଏବଂ ଖୁବ୍ ଶୀଘ୍ର ଆମ ସିନେମା ମଧ୍ୟ ବିଶ୍ୱ ଦରବାରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ।



**Strategies in Stories**

# Apple was rotting before Steve Jobs refreshed it

Steve Jobs was thrown out of the Apple, the company he co-founded. After a decade, in 1995, Pixar, subsidiary of NeXT, headed by Steve Jobs, released the first animated film, Toy Story. On the other side of the story, without Jobs, Apple was on the edge of bankruptcy with over $1 billion in annual losses. Apple was fat and slow with overcrowded and outdated products.

After Apple's acquisition of NeXT in 1997, Steve Jobs re-entry as the CEO was the best decision by the company. What happened next is one of the greatest business turnarounds in history. Jobs came back and declared: "Stop everything" when he found Apple had dozens of products, but none were selling well. So, he simplified everything into just 4 main products: a desktop and a laptop for both professionals and consumers. This helped Apple cut costs and improve focus to build better quality. The next decision of Jobs shocked the world yet taught a new lesson in business. In the boldest move by Jobs, Apple made a deal with Microsoft, their biggest rival. By this, Microsoft invested $150 million in Apple and continued developing Microsoft Office for Mac. It gave Apple the money and confidence it needed. Then, in 1998, Apple launched the iMac, colorful, all-in-one computer that looked like nothing else. It



wasn't just beautiful - it sold like crazy. Over 800,000 iMacs were sold in the just first 5 months. Jobs knew that Apple needed to stand out. He started the legendary "Think Different" campaign to inspire people. Apple wasn't just a tech company anymore. It became a lifestyle brand. Unique products from Apple like i-Pod, i-Tune, i-Phone brought huge profits and made Apple the most valuable company on Earth.

**Apple's Glorious Journey**


In 1997: Lost over $1 billion every year

In 2001: Became profitable again

In 2010: Became a trillion-dollar company

Today: Earns billions in profit every quarter

**India in Info-Graphics**




Printed & Published by Sibasis Satapathy on behalf of COTOC Improvement Limited. Published at Plot 47, Sector 5, Niladri Vihar, Chandrashekharpur, Bhubaneswar 751021
Phone: +91 8456869769, 06744068848, Mail: biznessbreaking@cotoc.in, biznessbreaking@gmail.com
Printed at Print Tech Offset Pvt. Ltd., F-66, 1 & 2, Technology Corridor, Chandaka Industrial Estate, Sailashree Vihar, Chandrasekharpur, Bhubaneswar, Odisha 751021
Editor: Sibasis Satapathy
ସମ୍ପାଦକ: ଶିବାଶିଷ ଶତପଥି